

ଯେଉଁମାନେ ଦେଖିଶୁଣି ସମାଜରେ ଅନ୍ୟାୟକୁ ନୀରବରେ ସହିଯାଆନ୍ତି,
ସେଇମାନେ ହିଁ ଭବିଷ୍ୟତରେ ଅନ୍ୟାୟ କାର୍ଯ୍ୟ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାନ୍ତି ।
- ଷ୍ଟାଲିନ୍



## ସଂକ୍ଷେପରେ

### ଆନ୍ତଃ ସିନିୟର କ୍ଲବ୍ କ୍ରିକେଟ: ଏମ୍‌ସିସି ଯାଜପୁର ଟାଉନ ବିଜୟୀ

**ଧର୍ମଶାଳା,୨୭।୨(ଡି.ଏନ୍.ଏ.):** ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ସିନିୟର ପୁରୁଷ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଡିଏସ୍‌ସି ଧର୍ମଶାଳାକୁ ୭ୱିକେଟରେ ପରାସ୍ତ କରି ଏମ୍‌ସିସି ଯାଜପୁର ଟାଉନ ବିଜୟୀ ହୋଇଛି। ଟସ୍ ଜିତି ଡିଏସ୍‌ସି ଧର୍ମଶାଳା ପ୍ରଥମେ ବ୍ୟାଟିଂ କରି ୩୭ଓଭରରେ ସମସ୍ତ ୱିକେଟ ହରାଇ ୧୭୭ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ବେଣୁଧର ବିଶ୍ୱାଳ ୬୭ ଓ ଆଶିଷ ଦାସ ୩୨ ରନ କରିଥିଲେ। ବିପକ୍ଷ ଯାଜପୁର ଟାଉନ ପକ୍ଷରୁ ସତ୍ୟପ୍ରକାଶ ପାଢୀ ଓ ଆମିନ ଇକବାଲ ଖାଁ ୨ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ଯାଜପୁର ଟାଉନ ବ୍ୟାଟିଂ କରି ୨୭.୩ ଓଭରରେ ୩ ୱିକେଟ ହରାଇ ୧୭୮ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆମିନ ଇକବାଲ ଖାଁ ୧୦୫ ଓ ମୋଜକିଲ ଖାଁ ୩୯ ରନ କରିଥିଲେ। ବିପକ୍ଷ ଡିଏସ୍‌ସି ଧର୍ମଶାଳା ପକ୍ଷରୁ ରାଜେଶ ଶାନ୍ତି ୨ଟି ୱିକେଟ ନେଇଥିଲେ। ଆଜିର ଏହି ମ୍ୟାଚକୁ ଆଶୁତୋଷ ପାଣି ଓ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ସେନାପତି ସ୍କୋରରେ ସହାୟତା କରିଥିଲେ। ଶୁକ୍ରବାର ବିଏମ୍‌ସିସି ଗୋଲକୁଣ୍ଡ ଓ କେଡିଏମ୍ ଧର୍ମଶାଳା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ଦ୍ୱିତୀୟ ହରେକୃଷ୍ଣ ସ୍ମାରକୀ କ୍ରିକେଟ: ଚହଟା ଓ ପଟୁଣିଆ ବିଜୟୀ

**ଧର୍ମଶାଳା,୨୭।୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ମଜାର ପଡ଼ିଆରେ ଚାଲିଥିବା ୨ୟ ବାର୍ଷିକ ହରେକୃଷ୍ଣ ରାଉତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୩ୟ କ୍ୱାଟର ଫାଇନାଲ ମ୍ୟାଚରେ ନୀଳକଣ୍ଠପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ୱିକେଟ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଜବାବରେ ଚହଟା ବ୍ୟାଟିଂ କରି ୧୦ଓଭରରେ ୩ୱିକେଟ ହରାଇ ୧୯୪ବିଜୟୀ ହୋଇଥିଲା। ସେହିପରି ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ପଟୁଣିଆ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୬ୱିକେଟ ହରାଇ ୧୮୪ରନ ସଂଗ୍ରହ କରିଥିଲା। ଜବାବରେ ଗଙ୍ଗାଧରପୁର ବ୍ୟାଟିଂ କରି ୧୦ଓଭରରେ ସମସ୍ତ ୱିକେଟ ହରାଇ ୧୫୪ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚକୁ ରବୀନ୍ଦ୍ର ଦାସ, ଚନ୍ଦନ କୁମାର, ସୁମନ ଦାସ ଓ ପ୍ରଦୀପ ଜେନା ପରିଚାଳନା କରିଥିଲେ। ଆସନ୍ତା କାଲି ପ୍ରଥମ ସେମି ଫାଇନାଲ ଚହଟା ସହିତ ପଟୁଣିଆ ଓ ୨ୟ ସେମି ଫାଇନାଲ କାଳିକାହୁଡ଼ା ସହିତ ଚୋରମୁହାଁ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

# ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟ ଅଚଳ

**ଯାଜପୁର ଅଫିସ,୨୭।୨**



- ମାସେ ପରେ ବି ମିଳିଲାନି କ୍ଷମତା
- ବର୍ଷେ ହେଲା ଡିଏଲ୍‌ଓ ପଦବୀ ଖାଲି
- କାର୍ଯ୍ୟକାରୀ ହେଉନି ଶ୍ରମିକ ଆଇନ

ଯାଜପୁର ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟରେ ଅଚଳାବସ୍ଥା ଜାରି ରହିଛି। ଏନେଇ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ, ପ୍ରତିବାଦ ସଭା ଆଦି ହେଉଥିଲେ ହେଁ ସରକାର ଦୃଷ୍ଟି ନ ଦେବା ଜିଲାବାସୀଙ୍କୁ ବ୍ୟଥିତ କରିଛି। ପ୍ରାୟ ୧ ବର୍ଷ ହେବ ଜିଲା ଶ୍ରମ ଅଧିକାରୀ(ଡିଏଲଓ) ପଦବୀ ଖାଲି ପଡିଛି। ଯାଜପୁର ଯୁଗ୍ମ ଶ୍ରମ କମିଶନର(ଜେଏଲ୍‌ସି)ଙ୍କ ଅଧିନରେ ଶିଳ୍ପ ସମୃଦ୍ଧ ଯାଜପୁର ଜିଲା ସମେତ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲା ରହିଛି। କଳିଙ୍ଗନଗରର ଶିଳ୍ପାଞ୍ଚଳ ଓ ଭଦ୍ରକ ଜିଲା ଧାମରା ବନ୍ଦରର ଏକାଧିକ ସମସ୍ୟା ଓ କାର୍ଯ୍ୟ ଆଦି ସମାଧାନ ହୋଇପାରୁ ନାହିଁ। ଯାଜପୁର ଡେପୁଟି ଲେବର କମିଶନର ଡିଏଲ୍‌ସି ସୁନୀଲ କୁମାର ସାହୁଙ୍କୁ ୨୨।୧।୨୦୨୦ରେ ଜେଏଲ୍‌ସି ଭାବେ ପଦୋନ୍ନତି ଦିଆଯାଇ ଏଠାରେ ଅବସ୍ଥାପିତ କରାଯାଇଥିଲା। ଏହା ପରେ ତାଙ୍କୁ କାର୍ଯ୍ୟ କରିବା ପାଇଁ ରାଜ୍ୟ ଶ୍ରମ ବିଭାଗ ତୁରନ୍ତ କ୍ଷମତା ପ୍ରଦାନ କରିବା କଥା। ହେଲେ ଇତିମଧ୍ୟରେ ୧ମାସରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ବି ତାଙ୍କୁ କାର୍ଯ୍ୟ କରିବା ପାଇଁ କ୍ଷମତା ଦିଆଯାଇ ନାହିଁ। ଫଳସ୍ୱରୂପ ରାଜ୍ୟର ଶିଳ୍ପ ଓ ବାଣିଜ୍ୟ ସମୃଦ୍ଧ ଏହି ୪ଟି ଜିଲାର ବ୍ୟବସାୟୀ, ଠିକାଦାର, ଶ୍ରମିକ ଓ କାରଖାନା କର୍ତ୍ତୃପକ୍ଷ ନାହିଁ ନ ଥିବା ଅବସ୍ଥାର ସମସ୍ୟାରେ ପେଷି ହେଉଛନ୍ତି। ଏହାସହ ନିର୍ମାଣ ଶ୍ରମିକ ଚୟନରେ ବହୁ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଯାଜପୁର ଜିଲାରେ ଅତିବେଶିରେ ପ୍ରାୟ ୪୦ହଜାର ନିର୍ମାଣ ଶ୍ରମିକ ଅଛନ୍ତି। ଅଥଚ ଜିଲାରେ ବାସ୍ତବ ପରିସଂଖ୍ୟାନ ଠାରୁ ୩ଗୁଣରୁ ଉର୍ଦ୍ଧ୍ୱ ଅର୍ଥାତ ପ୍ରାୟ ୧ଲକ୍ଷ ୩୨ହଜାର ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇ ପରିଚୟ ପତ୍ର ପାଇଛନ୍ତି। କେତେକ ଟ୍ରେଡ ୟୁନିୟନ କର୍ମକର୍ତ୍ତାଙ୍କ ସୁପାରିଶରେ ପ୍ରାୟ ୯୦ପ୍ରତିଶତ ଜାଲ୍ କରି ଅଣ ସଂଗଠିତ ଶ୍ରମିକ ତଥା ଚାଷୀ ଶ୍ରେଣୀର ବ୍ୟକ୍ତି ଉପକୃତ ହେଉଥିବାବେଳେ ବାସ୍ତବ ନିର୍ମାଣ ଶ୍ରମିକ ଯୋଜନା ଅନ୍ତର୍ଗତ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବାସ୍ତବ ଚିତ୍ରର ପର୍ଦ୍ଦାଫାଶ ହୋଇ ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି। ଏହାବାଦ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସରକାରଙ୍କ ବିଭିନ୍ନ ଶ୍ରମ ଆଇନକୁ ଉଲ୍ଲଂଘନ ହେବାର ଅନେକ ନଜିର ରହିଛି। ଦିନକୁ ଦିନ ଠିକା ଶ୍ରମିକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ବିନା ନୋଟିସରେ ବାହାର କରି ଦେଉଛନ୍ତି। ଏନେଇ ଶ୍ରମ ବିଭାଗର ଦ୍ୱାରସ୍ଥ ହେଉଥିଲେ ହେଁ କୌଣସି ଫଳପ୍ରଦ ହେଉନାହିଁ। ଯାଜପୁର ଜିଲାରେ ସର୍ବନିମ୍ନ ମଜୁରୀ ଆଇନ, ଠିକା ଶ୍ରମିକ ଉଚ୍ଛେଦ ଆଇନ, ଶିଳ୍ପ ବିବାଦ ଆଇନ, ଇଣ୍ଡଷ୍ଟ୍ରିଆଲ ଏମ୍ପ୍ଲୋୟମେଣ୍ଟ ଷ୍ଟାଣ୍ଡିଂ ଅର୍ଡର ପ୍ରଭୃତି ଶ୍ରମିକ ଆଇନ ସମ୍ବନ୍ଧୀୟ କ୍ଷେତ୍ରରେ ପ୍ରାୟ ୩୦୦ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଫଳରେ ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ତୁରନ୍ତ ନ୍ୟାୟ ପାଉ ନ ଥିବାରୁ ଶ୍ରମ ବିଭାଗକୁ ଦୌଡି ଦୌଡି ନୟାନ୍ତ ହୋଇ ପଡିଲେଣି। ଏଠାରେ କାର୍ଯ୍ୟରତ ଜିଲା ଶ୍ରମ ଅଧିକାରୀ ଶିବଶଙ୍କର ମିଶ୍ରଙ୍କୁ ୨।୨।୨୦୧୯ରେ ଅନୁଗୋଳକୁ ବଦଳି କରି ଦିଆଯାଇଥିଲା। ହେଲେ ତାଙ୍କ ସ୍ଥାନରେ କାହାରିକୁ ଏଠାରେ ଅଦ୍ୟାବଧି ଅବସ୍ଥାପିତ କରାଯାଇପାରି ନାହିଁ। ଏହାଛଡ଼ା ଯାଜପୁର ଶ୍ରମ କାର୍ଯ୍ୟାଳୟରେ ୩୧।୧।୨୦୧୯ରୁ କେହି ଚୌକିଦାର ନ ଥିବାବେଳେ କିରାଣୀଙ୍କ ସଂଖ୍ୟା ବହୁ ନଗଣ୍ୟ ରହିଛି। ତେଣୁ ଆଉ କାଳବିଳମ୍ବ ନ କରି ରାଜ୍ୟ ଶ୍ରମ କମିଶନର ଓ ପ୍ରମୁଖ ଶ୍ରମ ସଚିବ ତୁରନ୍ତ ଯାଜପୁର ଜେଏଲସିଙ୍କୁ କାର୍ଯ୍ୟ କ୍ଷମତା ପ୍ରଦାନ କରିବା ସହ ବିଭିନ୍ନ ପଦଗୁଡିକୁ ପୂରଣ କରିବାକୁ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ଦୁଷ୍ମନ୍ତ କୁମାର ରାଉତ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଦାବି କରିଛନ୍ତି। ଏସଂକ୍ରାନ୍ତରେ ଜେଏଲ୍‌ସି ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ଏହି କାର୍ଯ୍ୟାଳୟ ଅଧିନରେ ଥିବା ୪ଟି ଜିଲା ସମେତ ଯାଜପୁର ଜିଲା ଶ୍ରମ ଅଧିକାରୀ ଦାୟିତ୍ୱ ମଧ ସେ ବୁଝୁଛନ୍ତି । ଦାୟିତ୍ୱ ସମ୍ପାଦନ କରିବାରେ ସେକେବେ ହେଳା କରୁ ନାହାନ୍ତି । ଦାୟିତ୍ୱ ପ୍ରଦାନ ଏବଂ ଜିଲା ଶ୍ରମ ଅଧିକାରୀ ନିଯୁକ୍ତି ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍ ଶୀଘ୍ର ଏହି ପଦବୀ ପୂରଣ ହେବ ବୋଲି ଆଶା କରାଯାଉଛି ବୋଲି ସାହୁ କହିଛନ୍ତି।

### ଧାରଟଙ୍କା ମାଗିବାରୁ ଯୁବକଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**ବିଞ୍ଝାରପୁର, ୨୭।୨(ଡି.ଏନ୍.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତରେ ଧାର ଟଙ୍କା ମାଗିବାକୁ ନେଇ ଜଣେ ଯୁବକଙ୍କୁ ଭୁଜାଲି ମାଡ଼ ଘଟଣାରେ ବୁଧବାର ରାତିରେ ପୋଲିସ ଅଭିଯୁକ୍ତ ହଳଧର ମଲ୍ଲିକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ କପିଳା ଗ୍ରାମର ହଳଧର ମଲ୍ଲିକ ସେହି ଗ୍ରାମର ମନୋଜ ଦାସଙ୍କଠାରୁ ଗତ ଦୁଇବର୍ଷ ହେବ ୨୦ହଜାର ଟଙ୍କା କରଜ ନେଇଥିଲେ। ଧାର ଟଙ୍କା ନ ଶୁଝିବାରୁ ଗତ ୧ତାରିଖରେ ହଳଧରଙ୍କୁ ମନୋଜ ଟଙ୍କା ମାଗିଥିଲେ। ହେଲେ ହଳଧର ଟଙ୍କା ଦେବା ପରିବର୍ତ୍ତେ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥିବା ଏକ ଭୁଜାଲିରେ ମନୋଜଙ୍କୁ ଆକ୍ରମଣ କରିଥିଲେ। ମନୋଜ ନିଜକୁ ବଞ୍ଚାଇବାକୁ ଦୁଇ ହାତ ଦେଖାଇ ଦେବାରୁ ତାଙ୍କ ହାତରେ ଗଭୀର କ୍ଷତ ଲାଗିଥିଲା। ଘଟଣାସ୍ଥଳରୁ ସ୍ଥାନୀୟ ଲୋକ ମନୋଜଙ୍କୁ ଉଦ୍ଧାର କରି ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ମନୋଜଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ପୋଲିସ ମାମଲା (ନଂ.୨୧/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା।

## ଶୋଚନୀୟ ଖରସ୍ରୋତା ନଦୀବନ୍ଧ ରାସ୍ତା

**ବିଞ୍ଝାରପୁର,୨୭।୨(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅଧିନ ଖରସ୍ରୋତା ନଦୀବନ୍ଧ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଫଳରେ ଏହି ବାଟ ଦେଇ ଯାତାୟତ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରକାଶ ଯେ, ଘଣ୍ଟିଆଳୀ ସେତୁଠାରୁ ବଗମରାସେତୁ ପର୍ଯ୍ୟନ୍ତ ଦୀର୍ଘ ୧୦ କି.ମି. ବ୍ୟାପି ନଦୀବନ୍ଧ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଫଳରେ ପ୍ରତ୍ୟେହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ନଦୀବନ୍ଧ ରାସ୍ତାର ମରାମତି ହେଉ ନ ଥିବାରୁ ଅଧିକାଂଶ ସ୍ଥାନରେ ଖଲଖମା ସୃଷ୍ଟି ହୋଇଛି। ଏହି ନଦୀବନ୍ଧ ଉପରେ ବରୀ-ବିଞ୍ଝାରପୁର ଅଞ୍ଚଳର ୨୦ହଜାର ଲୋକ ନିର୍ଭର କରୁଛନ୍ତି। ଏହି ନଦୀବନ୍ଧ ରାସ୍ତାର ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ଅଧିବାସୀମାନେ ଦାବି କରିଛନ୍ତି। ନଦୀବନ୍ଧ ଦୁରାବସ୍ଥା ସମ୍ପର୍କରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ନବୀନକିଶୋର ପାଣିଗ୍ରାହୀଙ୍କୁ ପଚାରିବାରେ ଏହି ନଦୀବନ୍ଧ ପାଇଁ ସରକାର ୨୦କୋଟି ଟଙ୍କା ରାସ୍ତା ଓ ନିର୍ମାଣ ବିଭାଗ ଜରିଆରେ ବ୍ୟୟ ବରାଦ କରିଛନ୍ତି। ଏହି ରାସ୍ତାର ନିର୍ମାଣ ଖୁବଶୀଘ୍ର ଆରମ୍ଭ ହେବ ବୋଲି ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ନବୀନକିଶୋର ପାଣିଗ୍ରାହୀ ସୂଚନା ଦେଇଛନ୍ତି।



ଖରସ୍ରୋତା ନଦୀବନ୍ଧ ରାସ୍ତା।

## ସିଂହପୁର ଗ୍ରାମରେ ଗୋଟିଏ ଦିନରେ ୩ ଜଣଙ୍କ ପରଲୋକ

**ସିଂହପୁର,୨୭।୨(ଡିଏନ୍ଏ)**

ବିଞ୍ଝାରପୁର ବ୍ଲକ ସିଂହପୁର ଗ୍ରାମରେ ବୁଧବାର ୩ଜଣଙ୍କର ପରଲୋକ ହୋଇଯାଇଛି। ମୃତକମାନେ ହେଲେ ସିଂହପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁ, ବ୍ରଜସୁନ୍ଦର ଥାଟୋଇଙ୍କ ସ୍ତ୍ରୀ ଜୟନ୍ତି(୭୦), ପେଣ୍ଠର ପଦ୍ମନାଭ ଥାଟୋଇଙ୍କ ସ୍ତ୍ରୀ ସରସ୍ୱତୀ(୮୦)। ଗୋଟିଏ ଗ୍ରାମରେ ଗୋଟିଏ ଦିନରେ ତିନିଜଣଙ୍କର ପରଲୋକ ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଏହି ତିନିଜଣଙ୍କ ବିୟୋଗରେ ହୃଷିକେଶ ସାହୁ, ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ବିଞ୍ଝାରପୁର ନାଗରିକ ମଞ୍ଚ ସଭାପତି ରବୀନ୍ଦ୍ର ଧଳ, ପୂର୍ବତନ ଜିଲାପରିଷଦ ସଭ୍ୟ ନିରଞ୍ଜନ ବେଉରିଆ, ରାମବଳିଆର ସିଂ, ସିଂହପୁର ସମବାୟ ସମିତି ସଭାପତି ତ୍ରିନାଥ ବେଉରିଆ, ସରୋଜ ସାହୁ, ଅମିୟ ଥାଟୋଇ, ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଛଚିଣାରେ ଭାଜପାର 'ହକ୍ ପାଇଁ ଏକ ହୁଅ' କାର୍ଯ୍ୟକ୍ରମ




**ଯାଜପୁର ଅଫିସ,୨୭।୨**

ଭାଜପାର 'ହକ୍ ପାଇଁ ଏକ ହୁଅ' ଅଭିଯାନର ପ୍ରଥମ ବୁଥସ୍ତରୀୟ କାର୍ଯ୍ୟକ୍ରମ ଯାଜପୁର ନିର୍ବାଚନମଣ୍ଡଳୀ ଛଚିଣା ପଞ୍ଚାୟତର ୨୦୪ ନମ୍ବର ବୁଥରେ ଗୁରୁବାର ଆରମ୍ଭ ହୋଇଛି। ପଞ୍ଚାୟତର ଭାଜପା ପ୍ରମୁଖ ସୁନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ସରୋଜ ବିଶ୍ୱାଳ ମୁଖ୍ୟଅତିଥି, ଅମିତ ମହାପାତ୍ର, ସୌମ୍ୟରଞ୍ଜନ ବାରିକ, ସୁନୀଲ ମହାପାତ୍ର, ସୌରଭ ମହାପାତ୍ର, ଜୟଦେବ ଦାସ, କୈଳାସ ବାରିକ, ସତ୍ୟଜିତ ମହାପାତ୍ର, କାହ୍ନା ମହାପାତ୍ର, ଆଲୋକ ଦାସ, ଶିବପ୍ରସାଦ ଦାସ, ଅମର ବେହେରା ପ୍ରମୁଖ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ବହୁ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରକୃତ ହିତାଧିକାରୀ ସୁବିଧାରୁ ବଞ୍ଚିତ ହେଉଥିବାବେଳେ ଯିଏ ଶଙ୍ଖ ପତାକା ଧରୁଛି କେବଳ ତାଙ୍କୁ ହିଁ ହିତାଧିକାରୀ ଭାବେ ରାଜ୍ୟ ସରକାର ନିଜ ଖାତାକୁ ନେଉଛି। ଦୁର୍ନୀତି ବାଟମାରଣାକୁ ବନ୍ଦ କରିବାକୁ ହେଲେ ଜନ ସଚେତନତା ସୃଷ୍ଟିକରିବା ସହିତ ଲୋକମାନଙ୍କ ସହ ସାମିଲ ହୋଇ ଲଢେଇ କରିବା ପାଇଁ ଭାଜପାର ଯୁବକର୍ମୀମାନେ ସବୁବେଳେ ପ୍ରସ୍ତୁତ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଏହାସହ ଶୁକ୍ରବାର ଭୁବନେଶ୍ୱରରେ ହେବାକୁ ଥିବା ଅମିତ୍ ଶାହାଙ୍କ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସମସ୍ତେ ଯୋଗଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ରାସ୍ତାର ସୁଦୃଢ଼ୀକରଣ ପାଇଁ ଛାତ୍ରୀଛାତ୍ର ଜିଲା ପ୍ରଶାସନର ଦ୍ୱାରସ୍ଥ

**ଯାଜପୁର ଅଫିସ,୨୭।୨:** ରାଜ୍ୟର ଉଚ୍ଚତମ ନ୍ୟାୟାଳୟ ଯାଜପୁର ଜିଲା ପ୍ରଶାସନକୁ ରାସ୍ତାର ସୁଦୃଢ଼ୀକରଣ ଓ ନବୀକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ଦୀର୍ଘଦିନ ହେବ ତାହାକୁ ଜିଲା ପ୍ରଶାସନ କର୍ଣ୍ଣପାତ କରୁ ନାହିଁ। ଫଳରେ ଗୁରୁବାର ଚିତାଳୋ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାସ୍ତାର ସୁଦୃଢ଼ୀକରଣ ଓ ନବୀକରଣ ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଦଶରଥପୁର ବ୍ଲକ ଚିତାଳୋ ପଞ୍ଚାୟତସ୍ଥିତ ଚିତାଳୋ ମହାବିଦ୍ୟାଳୟରେ ୬ହଜାର ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢ଼ନ୍ତି। ଏହି ମହାବିଦ୍ୟାଳୟକୁ ବାଲିପଦା ଛକଠାରୁ କେନାଲ ବନ୍ଧର ବାମପାର୍ଶ୍ୱ ରାସ୍ତା ଦେଇ ଛାତ୍ରୀଛାତ୍ର ଗମନାଗମନ କରିଥାନ୍ତି।

### ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶକୁ ଅବମାନନା

ମାତ୍ର ଚିତାଳୋ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତାଟି ଏବେ ମରଣଯନ୍ତା ସଦୃଶ ହୋଇଛି। ଏହି କେନାଲ ବନ୍ଧ ରାସ୍ତାରେ ମହାବିଦ୍ୟାଳୟ ସମେତ ଚିତାଳୋ, ଅକରପଡା, ରାହାସୋଇ, ବୃନ୍ଦାବନପୁର ଆଦି ଅଞ୍ଚଳର ଅଧିବାସୀ ଗମନାଗମନ କରୁଥିବାବେଳେ ବର୍ତ୍ତମାନ ଏହି ରାସ୍ତାଟି ମରଣଯନ୍ତା ପାଲଟିଛି। ଏହିର ରାସ୍ତାର ଦୁର୍ଦ୍ଦଶାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, କର୍ମଚାରୀ, ଅଭିଭାବକ ବିଭିନ୍ନ ସମୟରେ ରାସ୍ତା ସମସ୍ୟା ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭାଗୀୟ ଯନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ରାସ୍ତା ସମସ୍ୟା ସୁଧାରିବା ଦିଗରେ କର୍ଣ୍ଣପାତ କରି ନ ଥିଲେ। ଏପରିକି ଏହି ରାସ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ୫ରୁ ଉର୍ଦ୍ଧ୍ୱ ଜନସ୍ୱାର୍ଥ ମାମଲା ରାଜ୍ୟ ଉଚ୍ଚନ୍ୟାୟାଳୟରେ ଦାୟର କରିଛନ୍ତି। ମାତ୍ର ରାସ୍ତା ସମସ୍ୟା ସମାଧାନ କରିବାକୁ ଉଚ୍ଚନ୍ୟାୟାଳୟ ଜିଲା ପ୍ରଶାସନକୁ ଏକାଧିକବାର ନିର୍ଦ୍ଦେଶନାମା ଜାରି କରିଥିଲେ ହେଁ ଜିଲା ପ୍ରଶାସନ ତାହାକୁ ଅବମାନନା କରିଆସିଛି। ଯାହାକୁ ନେଇ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି।

## ଚିନ୍ମୟ ଚେତନା ସାରସ୍ୱତ ସମାରୋହ

**ଧର୍ମଶାଳା,୨୭।୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ନୀଳକଣ୍ଠପୁରସ୍ଥିତ ଚିନ୍ମୟ ଚେତନା ପରିବାର ପକ୍ଷରୁ ଗୁରୁବାର ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାବନ୍ଧିକ ବାମଦେବ ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଶିଷ୍ଟ କଥାକାର ପ୍ରକାଶ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ସମାବେଶକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠିତ ବିଷାଦ ଓ ସୃଜନ ଶୀର୍ଷକ ଆଲୋଚନା ଚକ୍ର ସମ୍ପର୍କରେ ବିଷାଦ ହିଁ ସୃଜନତା ସୃଷ୍ଟି କରିଥାଏ। ସୃଜନଶୀଳତା ପାଇଁ ଏହା ଏକ ମାର୍ଗ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତାଭାବେ ଗାଳ୍ପିକ ଓ କଥାକାର ସଦାନନ୍ଦ ତ୍ରିପାଠୀ ଯୋଗଦେଇ ସୃଜନଶୀଳତା ଏକ ମୌଳିକ ବିଚାର। ସେହି ବିଚାର ମାଧ୍ୟମରେ ମଣିଷ ତାର ସର୍ଜନା କରେ। ତାହା ସମାଜକୁ ଏକ ଦିଗଦର୍ଶନ ଦିଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ବାଗ୍ମୀ ଓ ପ୍ରବଚକ କାମଦେବ ଶତପଥୀ ଯୋଗଦେଇ ସର୍ଜନଶୀଳତା ଜୀବନକୁ ବିସ୍ତୃତ କରେ ବୋଲି କହିବା ସହିତ ବିଷାଦ ଓ ସୃଜନକୁ ବାଖ୍ୟା କରି ଯେଉଁମାନେ ବିଷାଦଗ୍ରସ୍ତ ସେମାନେ ଅହଂକାର ବିବର୍ଜିତ ଏକ ସ୍ୱଚ୍ଛ ଓ ସୁନ୍ଦର ଜୀବନ ନିର୍ବାହ କରିଥାନ୍ତି। ବିଷାଦ ଓ ଆହ୍ଲାଦର ସଂଯୋଗ ଭାବେ ସର୍ଜନଶୀଳତା ଜୀବନକୁ ଅର୍ଥପୂର୍ଣ୍ଣ ଓ ବନ୍ଧୁତ୍ୱପୂର୍ଣ୍ଣ କରେ ବୋଲି ସେ ମତବ୍ୟକ୍ତ କରିଥିଲେ। କବୟିତ୍ରୀ ସମ୍ପାଦିକା ପଦ୍ମଜା ଶରଣ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିବା ସହିତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଚିନ୍ମୟ ଚେତନା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁସ୍ତକ ସମ୍ପର୍କରେ ରାଜକିଶୋର ପାଢୀ ସୂଚନା ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶିଳା ଲିପିର ସଭାପତି କବି ଡାକ୍ତର ସର୍ବେଶ୍ୱର ଶତପଥୀଙ୍କୁ ଚିନ୍ମୟସେବା ସମ୍ମାନ, ଗାଳ୍ପିକ ରାମଚନ୍ଦ୍ର ଦାଶଙ୍କୁ ଚିନ୍ମୟ ସାରସ୍ୱତ ସମ୍ମାନ, 'ସମ୍ଭବ' ସମ୍ପାଦକ ଅଖିଳ କୁମାର ସ୍ୱାଇଁଙ୍କୁ ଚିନ୍ମୟ ଯୁବ ସମ୍ମାନ ଓ ଅଭିରାମ ମିଶ୍ରଙ୍କୁ ଚିନ୍ମୟ ସ୍ୱେଚ୍ଛାସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସ୍ୱେଚ୍ଛାସେବୀଙ୍କୁ ଡାକ୍ତର ବିଜୟ କୁମାର ଶତପଥୀ, ରମେଶ ଚନ୍ଦ୍ର ସାହୁ, ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ ଓ ଶୁଭ ସକାଳର ଉପସଭାପତି ମିନତୀ ସାହୁ ପୁରସ୍କାର ପ୍ରଦାନ କରିଥିଲେ। ଏହିଉତ୍ସବକୁ ମୁଗୁପାଳ କଲେଜ ପୂର୍ବତନ ଅଧ୍ୟକ୍ଷ ବେଣୁଧର ଶରଣ, ସାମାଜିକ କର୍ମୀ କାହ୍ନୁଚରଣ ଦାଶ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଯୋଗେନ୍ଦ୍ର ପଣ୍ଡା, ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରଣବ କୁମାର ଶରଣ ପ୍ରମୁଖ ପରିଚାଳନା କରିଥିଲେ ।



ଚିନ୍ମୟ ଚେତନା ସାରସ୍ୱତ ସମାରୋହରେ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ପ୍ରତିଭା।

## ଇଜ୍‌ତମା ସ୍ଥଳ ବୁଲି ଦେଖିଲେ ଧର୍ମଶାଳା ବିଧାୟକ

**ରସୁଲପୁର,୨୭।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାଠାରେ ଆସନ୍ତା ଶନିବାରଠାରୁ ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ବିଶ୍ୱସ୍ତରୀୟ ଆଲମି ଇଜ୍‌ତମା ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଏକ ପ୍ରକାର ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ନେତୃମଣ୍ଡଳୀ ଇଜ୍‌ତମାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏହିକ୍ରମରେ ଗୁରୁବାର ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସମାବେଶ ସ୍ଥଳ ବୁଲି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ଆୟୋଜନର ଅଗ୍ରଗତି ଦେଖି ସନ୍ତୋଷବ୍ୟକ୍ତ କରିଛନ୍ତି। ଏଥିସହ ସମ୍ମିଳନୀସ୍ଥଳରେ ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ବିଧାୟକ ବଳବନ୍ତରାୟଙ୍କ ସହ ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ବ୍ରହ୍ମବରଦା ସରପଞ୍ଚ ବିଜୟ ଦାସ, ଜିଲାପରିଷଦ ସଦସ୍ୟ ଅଶୋକ ମାମଲ, ପୂର୍ବତନ ସରପଞ୍ଚ ଅକ୍ତର ଅଲ୍ଲୀ ପ୍ରମୁଖଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଯାଜପୁର ଜିଲା ପୋଲିସ



ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଇଜ୍‌ତମା ସ୍ଥଳ ବୁଲି ଦେଖୁଛନ୍ତି।

### ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କଲେ

ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ମିଶ୍ରଙ୍କ ସହ ଧର୍ମଶାଳା ବିଧାୟକ ଓ ବରୀ ବିଧାୟିକାଙ୍କ ପ୍ରତିନିଧି ଆଇନ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କ ରହିବା, ଖାଇବା, ସ୍ନାନ, ଶୌଚ ଆଦି ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ଶୁକ୍ରବାରଠାରୁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ସମ୍ମିଳନୀସ୍ଥଳକୁ ପ୍ରବେଶ କରିବେ । ସେମାନେ କି ଭଳି ଠିକଭାବେ ସଭାସ୍ଥଳକୁ ଆସି ପହଞ୍ଚିବେ,ରାସ୍ତାରେ ଯେପରି ଟ୍ରାଫିକ୍ ସମସ୍ୟା ସୃଷ୍ଟି ନ ହେବ ସେଥିପ୍ରତି ଧ୍ୟାନ ଦେବା ନେଇ ବିଧାୟକ ଆଲୋଚନା କରିଥିଲେ।



ଯେଉଁ ଲୋକ ଗୋଟିଏ ନିର୍ଦ୍ଦିଷ୍ଟ କାମରେ ଲାଗି ରହିବା କଳା ଶିଖି ନାହିଁ, ସେ ଲୋକ କ୍ରମେ ଦୁର୍ବଳମନା ହୋଇଯାଏ।
- ରସ୍କିନ୍



## ସଂକ୍ଷେପରେ

### ବନବିଭାଗ ଭିଜିଲାନ୍ସ ସ୍କ୍ୱାଡ୍ର ଚଢ଼ାଉ, ୩ ଟ୍ରକ୍ ଜବତ

ଚଣ୍ଡିଖୋଲ,୨୭।୨(ଡି.ଏନ.ଏ): କଟକ ବନଖଣ୍ଡ ଅନ୍ତର୍ଗତ ଡାଳିଯୋଡା ରେଞ୍ଜର ବିଭିନ୍ନ ସ୍ଥାନରୁ ବେଆଇନ ମୋରମ ଓ କଳାପଥର ବୋଝେଇ ତିନିଟି ଟ୍ରକକୁ ବନ ବିଭାଗର ଭିଜିଲାନ୍ସ ସ୍କ୍ୱାଡ୍ ଜବତ କରିଛି। ଏନେଇ ୨ଟି ମାମଲା ରୁଜୁ କରାଯାଇ ଭିଜିଲାନ୍ସ ସ୍କ୍ୱାଡ୍ ଗାଡିଗୁଡ଼ିକ ନିଜ ହେପାଜତରେ ରଖିଛି। ଗୁରୁବାର ପୂର୍ବାହ୍ନ ଡାଳିଯୋଡା ରେଞ୍ଜ ଅନ୍ତର୍ଗତ ଓଳାଶୁଣୀ ପାହାଡ଼ ନିକଟରେ ୫୩ନଂ ଜାତୀୟ ରାଜପଥରେ ଏକ ମୋରମ ବୋଝେଇ ଟ୍ରକକୁ ଭିଜିଲାନ୍ସ ବିଭାଗ ଜବତ କରିଥିଲା। ଜବତ ସମୟରେ ଗାଡି ଚାଳକ ମୋରମ ପରିବହନ ସମ୍ପର୍କରେ କୌଣସି କାଗଜପତ୍ର ଦେଖାଇବାକୁ ସକ୍ଷମ ହୋଇ ନ ଥିଲେ। ସେହିପରି ଏହି ରାଜପଥର ଶ୍ରୀରାମପୁର ଟୋଲଗେଟ ନିକଟରେ ୨ଟି କଳାପଥର ବୋଝେଇ ଟ୍ରକ ଜବତ କରାଯାଇଥିଲା ମାତ୍ର ଟ୍ରକ ଦୁଇଟିରେ କଳାପଥର ପରିବହନ ନେଇ କୌଣସି ଅନୁମତି ପତ୍ର ନଥିଲା। ଭିଜିଲାନ୍ସ ସ୍କ୍ୱାଡ୍ ପକ୍ଷରୁ ୨ଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ଜବତ ତିନି ଟ୍ରକକୁ ଭଗତପୁରସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି। ବନବିଭାଗ ଏସିଏଫ୍ ରଜନୀ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିବାବେଳେ ୨୦୦୪ ଲଘୁଖଣିଜ ଆଇନକୁ ଅମାନ୍ୟ କରି ସମ୍ପୃକ୍ତ ଗାଡିଗୁଡିକ ବେଆଇନ ପରିବହନ କରୁଥିବାରୁ ଟ୍ରକଗୁଡିକ ଜବତ କରାଯାଇଥିବା ଜଣାଯାଇଛି। କଳାପଥର ବୋଝେଇ ଟ୍ରକ ୨ଟି ଧର୍ମଶାଳା ତହସିଲ ଅଞ୍ଚଳରୁ ବେଆଇନଭାବେ କଳାପଥର ବୋଝେଇ କରି ଆସୁଥିଲେ।

### ଓଏମ୍ସି ଠିକାଦାର ସଂଘର ବୈଠକ

କାଳିଆପାଣି,୨୭।୨(ଡି.ଏନ.ଏ): ଓଡ଼ିଶା ଖଣି ନିଗମରେ କାର୍ଯ୍ୟ କରୁଥିବା ଓଡ଼ିଶା ଖଣି ନିଗମ ଠିକାଦାର ସଂଘର ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାାଇଛି। ଖଣି ନିଗମ ଦୈତାରୀ କମ୍ୟୁନିଟି ଗୃହଠାରେ ଅନୁଷ୍ଠିତ ଏହି ବୈଠକ ସଂଘର ବରିଷ୍ଠ ସଦସ୍ୟ ଗଦାଧର ନାୟକଙ୍କ ସଭାପତିତ୍ୱରେ ହୋଇଥିଲା। ଏଥିରେ ଠିକାଦାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିବାବେଳେ ନିଗମରେ ହେଉଥିବା ସମସ୍ତ କାର୍ଯ୍ୟକୁ ଟେଣ୍ଡର ନିର୍ଦ୍ଧାରଣ ସମୟରେ ଲେସରେ କାର୍ଯ୍ୟକୁ ନ ନେଇ ସିଡ୍ୟୁଲରେ ନେବାକୁ ନିଷ୍ପତି ହୋଇଛି। ନିର୍ମାଣ କାର୍ଯ୍ୟ ଲେସ୍ରେ ନେବାରୁ ବହୁକ୍ଷତିର ସମ୍ମୁଖିନ ହେଉଥିବା ଉପସ୍ଥିତ ସମସ୍ତ ଠିକାଦାର ପ୍ରକାଶ କରିଥିଲେ। ସମଗ୍ରୀର ଅହେତୁକ ମୁଲ୍ୟବୃଦ୍ଧି ଯୋଗୁ ଠିକାଦାରମାନେ କ୍ଷତିର ସମ୍ମୁଖିନ ହେଉଛନ୍ତି ବୋଲି ସମସ୍ତେ ମତ ରଖିଥିଲେ। ରାଜ୍ୟର ସମସ୍ତ ଜିଲାରେ ଏବେ ସିଡ୍ୟୁଲରେ ବିଭିନ୍ନ ନିର୍ମାଣ କାର୍ଯ୍ୟର ଟେଣ୍ଡର ନେବାକୁ ଠିକାଦାରଙ୍କ ସହମତି ପ୍ରକାଶ ପାଇଥିବାରୁ ନିଗମ ଠିକାଦାରଙ୍କର ମଧ ସହମତି ରହିଥିବା ପ୍ରକାଶ କରିଥିଲେ। ଆଗାମି ଦିନରେ ସଂଘକୁ ସଦୃଢ କରିବା ସହ ସାମାଜିକ କାର୍ଯ୍ୟକ୍ରମ କରିବାକୁ ସହମତି ପ୍ରକାଶ ପାଇଥିଲା। ଏଥିରେ ରାଜିବ ଲୋଚନ ସ୍ୱାଇଁ, ନରେଶ କୁମାର ନାୟକ, ରାକେଶ ବଳ, ସୌମନ୍ତ ପରିଡ଼ା, ସୁରେଶ ବାରିକ, ବିଶ୍ୱଜିତ ନାୟକ, ଅରୁଣ କୁମାର ଶତପଥି, ଏସ.ବି.ମହାପାତ୍ର, ସୌମେନ୍ଦ୍ର ମହାପାତ୍ର, ସୁରେଶ ବାରିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବେଆଇନ ଚାଲିଛି ୨୦ରୁ ଊର୍ଦ୍ଧ୍ୱ ବାଲି ଖାଦାନ

## ଦର୍ପଣ ତହସିଲ



■ନୀରବ ରାଜସ୍ୱ ବିଭାଗ ଓ ପୋଲିସ
■ବାର୍ଷିକ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଲି ବାହାରକୁ ଚାଲାଣ ହେଉଛି

ଚଣ୍ଡିଖୋଲ,୨୭।୨(ଡିଏନଏ)

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନରେ ରହିଥିବା ୩ଟି ନଦୀରୁ ବ୍ୟାପକଭାବେ ବେଆଇନ ବାଲିଚାଲାଣ କରାଯାଉଛି। କୌଣସି ଗୋଟିଏ ଖାଦାନକୁ ଲିଜ ଦିଆଯାଇ ନ ଥିବାବେଳେ ସମସ୍ତ ବାଲିଘାଟ ବେଆଇନଭାବେ ଚାଲିଛି। ମାତ୍ର ରାଜସ୍ୱ ବିଭାଗ ଓ ପୋଲିସର ନିରବତା ସନ୍ଦେହ ସୃଷ୍ଟି କରିଛି। ସୂଚନା ଥାଉକି, ଏହି ତହସିଲ ଅଧୀନରେ ବିରୂପା, ବଡ଼ଗେଙ୍ଗୁଟି ଓ କେଲୁଅ ନଦୀ ପ୍ରବାହିତ। ପ୍ରତ୍ୟେକ ନଦୀରେ ଖୁଲମଖୁଲା ଦିନ ଦ୍ୱିପ୍ରହରରେ ବେଆଇନ ବାଲିଚାଲାଣ କରାଯାଉଥିବାବେଳେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବିରୂପା ନଦୀର ଗଜେନ୍ଦ୍ରପୁର ଦେକୁଡ଼ି, ଚାରିନଙ୍ଗଳ, ମାଣ୍ଡୁକା, ନାନପୁରଠାରେ ଖାଦାନଗୁଡ଼ିକ ଚାଲୁଛି। ସେହିଭଳି ବଡ଼ଗେଙ୍ଗୁଟି ନଦୀର ଅରଖପୁର, ପାଇକରାପୁର, ବେଣାପୁର, ଖଡ଼ିଅଙ୍ଗ, ବନମାଳିପୁର, ଅଚ୍ୟୁତବସନ୍ତ ଆଦି ସ୍ଥାନରେ ବେଆଇନ ବାଲିଘାଟ ଚାଲୁଥିବା ଦେଖିବାକୁ ମିଳୁଛି। ସେହିପରି କେଲୁଅ ନଦୀର ଚଣ୍ଡିଆ, ସାଉଡ଼ିଆ, ବାଲିକୁଦା ଓ ରଇପୁର ଆଦି ସ୍ଥାନରେ ବାଲିଘାଟ ଚାଲୁଥିବାବେଳେ ସେଠାକାର ରାଜସ୍ୱ ନୀରିକ୍ଷକମାନେ ଏସବୁ ଜାଣି ମଧ ନିରବତା ଅବଲମ୍ବନ କରୁଛନ୍ତି। ଦୈନିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାବେଳେ ପ୍ରତ୍ୟେକ ବର୍ଷ ଏହିସବୁ ବାଲିଘାଟରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବାଲି ବାହାରକୁ ଚାଲାଣ କରାଯାଉଛି। ଏଥିରେ ଟ୍ରାକ୍ଟର, ଡମ୍ପର ଓ ହାଇୱା ଆଦି ନିୟୋଜିତ ହେଉଛନ୍ତି। ବେଳେବେଳେ ତହସିଲ ତରଫରୁ ଚଢ଼ାଉ କରାଯାଇ ଲୋକ ଦେଖାଣିଆ ୨/୩ଟି ଗାଡ଼ିକୁ ଧରି ସେମାନଙ୍କଠାରୁ ଜରିମାନା ଆଦାୟ କରି ଦେଇ ବିଭାଗୀୟ ଅଧିକାରୀମାନେ ଚୁପଚାପ୍ ବସି ଯାଉଛନ୍ତି। ପୂର୍ବରୁ ଏହି ସବୁ ବାଲିଘାଟ ନିଲାମ କରାଯାଇ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିବାର ଦୃଷ୍ଟାନ୍ତ ରହିଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ବରଣେନ୍ଦୁ ମହାନ୍ତିଙ୍କୁ ପଚାରିବାରେ, କୌଣସି ବାଲିଘାଟକୁ ନିଲାମ ଦିଆଯାଇ ନାହିଁ। ତେବେ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ଜୋରିମାନା ଆଦାୟ କରାଯାଉଛି।

# ପରୀକ୍ଷା କେନ୍ଦ୍ରରୁ କ୍ୟାମେରା, ହାର୍ଡଡିସ୍କ ଚୋରି

ବରୀ,୨୭।୨(ସ୍ୱ.ପ୍ର)

ଯାଜପୁର ଜିଲା ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତ କାଇପଡ଼ା ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରୁ କ୍ୟାମେରା ଓ ହାର୍ଡଡିସ୍କ ଚୋରି ହୋଇଯାଇଥିବା ନେଇ ବରୀ ଥାନାରେ ବୁଧବାର ଅଭିଯୋଗ ହୋଇଛି। ବରୀ ପୋଲିସ ପକ୍ଷରୁ ମାମଲା (ନଂ.୫୨/୨୦୨୦) ରୁଜୁ କରାଯାଇ ତଦନ୍ତ କରାଯାଉଛି। ଗୁରୁବାର ସୁଦ୍ଧା ଚୋରକୁ ପୋଲିସ ଠାବ କରି ପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣାଯାଇଛି ଯେ, ଚଳିତ ମାଟ୍ରିକ ପରୀକ୍ଷାରେ ବରୀ ନୋଡାଲ କୃପାସିନ୍ଧୁ ବିଦ୍ୟାଭବନ ଅଧୀନରେ ବରୀ ଓ ବଡ଼ଚଣାର ୧୫ଟି ପରୀକ୍ଷାକେନ୍ଦ୍ର ରହିଛି। ଏହିସବୁ ପରୀକ୍ଷା କେନ୍ଦ୍ରରେ ୨୫୦୫ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ରହିଥିଲାବେଳେ ବୁଧବାର ମୋଟ ୬୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ କାଇପଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ତେବେ କାଇପଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ଗୋଟିଏ କ୍ୟାମେରା ଓ ହାର୍ଡଡିକ୍ସ ଚୋରି ହୋଇଥିବାବେଳେ ଏହି ପରୀକ୍ଷା କେନ୍ଦ୍ରର ୭ଟି ଆଲମିରାକୁ ଚୋର ଭାଙ୍ଗି ଦେଇଥିବା ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ତଥା ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମଲ୍ଲିକ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିସହିତ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ବିଡିଓଙ୍କ ନିକଟରେ ପ୍ରଧାନ ଶିକ୍ଷକ ମଲ୍ଲିକ ଚୋରି ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି। ବୁଧବାର ଫ୍ଲାଇଂ ସ୍କ୍ୱାଡ୍ ନଂ ୧୦୦୮ ଦ୍ୱାରା ଏହି କେନ୍ଦ୍ରରେ ପରୀକ୍ଷା ପରିଚାଳିତ ହୋଇଯାଇଛି। ଫ୍ଲାଇଂ ସ୍କ୍ୱାଡ୍ ଟିମ୍ରେ ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ଧର୍ମଶାଳା ଶିକ୍ଷାଧିକାରୀ ପ୍ରଫୁଲ ବେହେରା, ଜିଲା ବିଜ୍ଞାନ ସୁପରଭାଇଜର ବିଷ୍ଣୁଚରଣ ପଣ୍ଡା ପରୀକ୍ଷା ପରିଚାଳନା କରିଥିଲେ। ଭାରପ୍ରାପ୍ତ ବିଡିଓ ଶାଶ୍ୱତ କୁମାର ଜେନା ଏହି ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଅପରପକ୍ଷରେ ଚୋରି ଘଟଣାର ତଦନ୍ତ କରାଯାଉଛି। ଖୁବ୍ଶୀଘ୍ର ଚୋର ଧରାପଡିବ ବୋଲି ଥାନାଧିକାରୀ ମିଶ୍ର କହିଛନ୍ତି।

# ଜିଲାସ୍ତରୀୟ ବେଟି ବଚାଓ, ବେଟି ପଢ଼ାଓ ଟାସ୍କଫୋର୍ସ ଗଠିତ

ଯାଜପୁର ଟାଉନ,୨୭।୨(ଡି.ଏନ.ଏ)

ଜିଲାରେ ବେଟି ବଚାଓ ଓ ବେଟି ପଢ଼ାଓ ଅଭିଯାନକୁ ସଫଳ କରିବା ସହ ଏହା କିପରି କନ୍ୟା ସନ୍ତାନଙ୍କୁ ସୁରକ୍ଷା ଦେବାରେ ସହାୟକ ହେଉଛି ସେ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଅଧ୍ୟକ୍ଷତା କରି ସନ୍ତାନର ସୁରକ୍ଷା ଓ ସେମାନଙ୍କୁ ସମାଜରେ ଉଚିତ୍ ମାର୍ଗଦର୍ଶନ କରିବା ପାଇଁ ସମସ୍ତେ ବ୍ରତୀ ହେବା ଭଳି କାର୍ଯ୍ୟକ୍ରମ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ଗ୍ରାମ ଓ ପଞ୍ଚାୟତସ୍ତରରୁ ପ୍ରତ୍ୟେକଙ୍କୁ ସଚେତନ କରିବାର ବ୍ୟବସ୍ଥା କରିବାକୁ ମଧ ନାୟକ ପରାମର୍ଶ ଦେବାସହ ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯାଇଛି। ଏହି ଟାସ୍କାଫୋର୍ସରେ ଜିଲାପାଳ ଅଧକ୍ଷ ରହିଥିବାବେଳେ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲାପାଳ, ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଶିକ୍ଷା ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ, ସମଗ୍ର ଶିକ୍ଷାର ପ୍ରକଳ୍ପ ସଂଯୋଜକ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ, ଏପିଡି ଟ୍ରେନିଂ, ଲୋକ ସମ୍ପର୍କ ଅଧିକାରୀ, ସମାଜ କଲ୍ୟାଣ ସୁରକ୍ଷା ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ଜେଣ୍ଡର ସଂଯୋଜକ ପ୍ରମୁଖ ସଦସ୍ୟଭାବେ ରହିଛନ୍ତି। ଟାସ୍କଫୋର୍ସ ପ୍ରତ୍ୟେକ ଶିଶୁକନ୍ୟା ଯେପରି ସୁରକ୍ଷିତ ସହ ଶିକ୍ଷାଲାଭ କରିବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି। ସର୍ବୋପରି ଯେପରି କନ୍ୟା ଓ ପୁତ୍ର ମଧ୍ୟରେ କୌଣସି ଭେଦଭାବ ନ ରୁହେ ସେଥିପ୍ରତି ଟାସ୍କଫୋର୍ସ ବିଭିନ୍ନ ସଚେତନତା କାର୍ଯ୍ୟ ଆୟୋଜନ କରିବ। ଅନୁରୂପଭାବେ ବ୍ଲକସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତଥା ନୋଡାଲ ଅଧିକାରୀ ନିରଞ୍ଜନ କର, ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ, ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର, ଡାକ୍ତର ନିରଞ୍ଜନ ପତି, ହୃଷିକେଶ ପଣ୍ଡା, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ଶିଶୁ ସୁରକ୍ଷା ୟୁନିଟ୍ର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଇମ୍ଫା ପକ୍ଷରୁ ଦେଓଗାଁରେ ସ୍ୱାସ୍ଥ୍ୟ ଶିବିର

କାଳିଆପାଣି,୨୭।୨(ଡି.ଏନ.ଏ)

ଇମ୍ଫା ଓ ବଂଶୀଧର ଇଲାପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଚିଙ୍ଗୁଡ଼ିପାଳ ପଞ୍ଚାୟତ ଦେଓଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର ସକାଳ ୧୦ଟାରେ ଆରାମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭେଷଜ ବିଶେଷଜ୍ଞ ଜୟଦେବ ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଚାଲିଥିବାବେଳେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ପ୍ରସୂତିବିଶେଷଜ୍ଞ ଜୟଶ୍ରୀ ରାଉତ, ଡା. ମଦନ ଗୋପାଳ ସାହୁ, ଡା.ସିଦ୍ଧାର୍ଥ ପ୍ରିୟଦର୍ଶନୀ, ଇମ୍ଫା କମ୍ପାନୀ ଡାକ୍ତର ସବ୍ୟସାଚୀ ମହାପାତ୍ର ସହଯୋଗ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ୩୦୭ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ କମ୍ପାନୀ ପକ୍ଷରୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଚିଙ୍ଗୁଡ଼ିପାଳ ସରପଞ୍ଚ ନିଳେନ୍ଦ୍ର ପ୍ରଧାନ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ସୁକିନ୍ଦା ବ୍ଲକ ପୂର୍ବତନ ଅଧକ୍ଷା ଭଗବତି ମହାନ୍ତ, କମ୍ପାନୀ ଲୋକସମ୍ପର୍କ ବରିଷ୍ଠ ପରିଚାଳକ ଜଗନ୍ମୋହନ ମଲ୍ଲିକ ଉପସ୍ଥିତ ଥିଲେ। ମିଳନ ରଞ୍ଜନ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଦିପକ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ



ବିଧାୟକ ଏସ୍ଏଚ୍ଜି ସଦସ୍ୟାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

ଯାଜପୁର ଟାଉନ,୨୭।୨(ଡିଏନଏ)

ଯାଜପୁର ପୌରାଞ୍ଚଳର ୨୭ଟି ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)ର ୯୭ଜଣ ସଦସ୍ୟାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଗୁରୁବାର ଗୌତମବୁଦ୍ଧ ସଂସ୍କୃତି ଭବନରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ କରିଥିଲେ। ଯାଜପୁର ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକଙ୍କ ଅଧ୍ୟକ୍ଷତାରେ ୯୭ଜଣ ସଦସ୍ୟାଙ୍କୁ ୨ଲକ୍ଷ ଟଙ୍କା ଲେଖାଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘୂର୍ଣ୍ଣୟମାନ ପାଣ୍ଠିରୁ ପ୍ରଦାନ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଥି ପୂର୍ବରୁ ୩୫୦ଟି ସ୍ୱୟଂସହାୟକ ଗୋଷ୍ଠୀକୁ ଘୂର୍ଣ୍ଣୟମାନ ପାଣ୍ଠିରୁ ପ୍ରଦାନ କରାଯାଇଛି। ଯେଉଁ ସଦସ୍ୟା ୪ମାସ ମଧ୍ୟରେ ଆବାସଟିକୁ ସମ୍ପୂର୍ଣ୍ଣ କରିବେ ସେମାନଙ୍କୁ ଅତିରିକ୍ତ ୨୦ହଜାର ଟଙ୍କା ଏବଂ ଯେଉଁମାନେ ୬ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବେ ସେମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯିବା ପାଇଁ ଘୋଷଣା କରାଯାଇଛି। ଏହା ବ୍ୟତିତ ପ୍ରତ୍ୟେକ ସ୍ୱୟଂସହାୟକ ଗୋଷ୍ଠୀକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବା ପାଇଁ ବିଧାୟକ ଦାସ ଘୋଷଣା କରିଛନ୍ତି। ଏହି ଅବସରରେ ଯାଜପୁର ପୌରପାଳିକାର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତି, ସୁଦର୍ଶନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଡିଏସ୍ଓ ପକ୍ଷରୁ ଏକଛତ୍ର ବିକ୍ଷୋଭ, ପ୍ରତିବାଦ ସଭା




ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଯାଜପୁର ଟାଉନ,୨୭।୨(ଡିଏନଏ)

ଅଲ୍ ଇଣ୍ଡିଆ ଡିଏସ୍ଓ ଯାଜପୁର ଜିଲା କମିଟି ପକ୍ଷରୁ ବ୍ଲକ୍ଗ୍ରାଣ୍ଟ ସ୍କୁଲଗୁଡ଼ିକୁ ମିଶ୍ରଣ କରିବା ଓ ୧୪ଟି ବିଏଡ, ଏମ୍ଏଡ କଲେଜ ବନ୍ଦ କରିବା ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରି ସାରା ଓଡ଼ିଶାରେ ପ୍ରତିବାଦ ଦିବସ ଉପଲକ୍ଷେ ଏକଛତ୍ର ବିକ୍ଷୋଭ ଓ ପ୍ରତିବାଦ ସଭା ଜିଲାପାଳ ଅଫିସ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ବହୁ ଛାତ୍ରୀଛାତ୍ର ପ୍ଲାକାର୍ଡ଼ ଧରି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ଅଲ୍ ଇଣ୍ଡିଆ ଡିଏସ୍ଓର ଜିଲା ସମ୍ପାଦିକ ଦମୟନ୍ତୀ ମୁଦୁଲିଙ୍କ ସଭାପତିତ୍ୱରେ ଉକ୍ତ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ଲକ୍ଗ୍ରାଣ୍ଟ ସ୍କୁଲଗୁଡ଼ିକୁ ମିଶ୍ରଣ କରିବା ଓ ବିଏଡ, ଏମ୍ଏଡ କଲେଜଗୁଡ଼ିକୁ ବନ୍ଦ କରିବା ଦ୍ୱାରା ଗୋଟିଏ ଦିଗରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ପାଇବା ସହିତ ଅନ୍ୟଦିଗରେ ହଜାର ହଜାର ପିଲାଙ୍କ ଭବିଷ୍ୟତ ନଷ୍ଟ ହୋଇଯିବ। ତେଣୁ ତୁରନ୍ତ ଏଭଳି ନିଷ୍ପତ୍ତିକୁ ପ୍ରତ୍ୟାହାର କରି ଉପଯୁକ୍ତ ଭିତ୍ତିଭୂମିର ବିକାଶ ଓ ଆବଶ୍ୟକ ଅଧାପକ ଓ ଶିକ୍ଷକ ପଦବୀ ତୁରନ୍ତ ପୂରଣ କରାଯାଉ ବୋଲି ବକ୍ତାମାନେ କହିଥିଲେ। ନଚେତ୍ ଆଗାମୀ ଦିନରେ ଦୁର୍ବାର ଛାତ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ସଭାରେ ସସ୍ମିତା ଜେନା, ପ୍ରଭାତୀ ମଲିକ, ମନୋଜ ସେଠୀ, ବିଚିତ୍ରାନନ୍ଦ ଦାସ, ମଧୁସୁଦନ ସେଠୀ, ପବିତ୍ର ଦାସ, ସସ୍ମିତା ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ମାମଲା ସମାଧାନ ପାଇଁ ଅନୁରୋଧ କଲେ ନାବାଳକଙ୍କ ମା'

## ମିଲ୍ରେ କାମ କରିବାବେଳେ ନାବାଳକଙ୍କ ହାତ କଟିବା ଘଟଣା

■୯.୩୭ ଲକ୍ଷଟଙ୍କା କ୍ଷତିପୂରଣ ରାଶିର ଚେକ୍ ଜମା କଲେ ମାଲିକ

କଳିଙ୍ଗନଗର,୨୭।୨(ଡିଏନଏ)

ପାଣିକୋଇଲି ଥାନା କୃପାଳୁ ରାଇସ ମିଲରେ କାର୍ଯ୍ୟ କରୁଥିବା ସମୟରେ ଜଣେ ନାବାଳକଙ୍କ ହାତ କଟିଯାଇଥିଲା। ଏହି ଘଟଣାରେ ନାବାଳକ ଅନେକ ଦିନ ଧରି କ୍ଷତିପୂରଣରୁ ବଞ୍ଚିତ ହୋଇଥିଲାବେଳେ ଏହାର ସମାଧାନ କରିବାକୁ ଯାଇ କୃପାଳୁ ମିଲ ମାଲିକ ନାବାଳକଙ୍କ ପରିବାରକୁ ୯ଲକ୍ଷ ୩୭ହଜାର ୮୩୮ ଟଙ୍କା କ୍ଷତିପୂରଣ ରାଶିର ଏକ ଚେକ୍ ତହବିଲରେ ଦାଖଲ କରିଥିବା ଜଣାପଡ଼ିଛି। ଏହାପରେ ନାବାଳକଙ୍କ ମା' ପୂର୍ଣ୍ଣମା ସାହୁ ଯାଜପୁରରୋଡ ଜେଏମ୍ଏଫ୍ସି କୋର୍ଟରେ ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାବଣାର ଏକ ଚୁକ୍ତିନାମା ପତ୍ର ଦେଇ ମାମଲାକୁ ରଦ୍ଦ କରିବା ପାଇଁ ଅନୁରୋଧ କରିଛନ୍ତି। ସୂଚନାନୁଯାୟୀ, ପାଣିକୋଇଲି ଥାନା ଶଙ୍ଖଚିଲା ମଠପାଟଣାର ଚନ୍ଦନ କୁମାର ସାହୁ (୧୭) ପାଣିକୋଇଲିସ୍ଥିତ କୃପାଳୁ ରାଇସ ମିଲରେ ୨।୪।୨୦୧୯ରେ କାମ କରି ନିଜ ଡାହାଣ ହାତ ହରାଇଥିଲେ। ଏହାପରେ ଚନ୍ଦନ ଓ ତାଙ୍କ ମା' ପୂର୍ଣ୍ଣମା କୃପାଳୁ ମାଲିକଙ୍କ ନିକଟରେ ଅନ୍ୟ କୌଣସି ଛୋଟମୋଟ କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ମାତ୍ର କୃପାଳୁ ମାଲିକ ନ ଶୁଣିବାରୁ ପୂର୍ଣ୍ଣମା ଶେଷରେ ନିରାଶ ହୋଇ କୃପାଳୁ ରାଇସ ମିଲର ମାଲିକ ଅନିରୁଦ୍ଧ ଦାସଙ୍କ ବିରୋଧରେ ଯାଜପୁରରୋଡ ଜେଏମଏଫସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ କୃପାଳୁ ମାଲିକ ଚନ୍ଦନଙ୍କ ପରିବାରକୁ ୯ଲକ୍ଷ ୩୭ହଜାର ୮୩୮ ଟଙ୍କା କ୍ଷତିପୂରଣ ରାଶିର ଏକ ଚେକ୍ କର୍ମଚାରୀ କ୍ଷତିପୂରଣ ଆୟୁକ୍ତ ତଥା ପ୍ରଭାଗୀୟ ଶ୍ରମ ଆୟୁକ୍ତ ଯାଜପୁର ତହବିଲରେ ଦାଖଲ କରିଥିଲେ।

# ଗାଁ ମାଟି ସମ୍ମାନ ସମାରୋହ

ସିଂହପୁର,୨୭।୨(ଡିଏନ୍ଏ)

ବିଞ୍ଝାରପୁର ବ୍ଲକ ବାଙ୍ଗରା ନୋଡାଲ ଓ କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠ ପରିସରରେ ଗାଁ ମାଟି ସମ୍ମାନ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସମ୍ମାନପ୍ରାପ୍ତ ସଂଗୀତଜ୍ଞ ଦିନେଶ ମଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଞ୍ଝାରପୁର ବିଡିଓ ମୀନତି ଜଗଦେବ, ମୁଖ୍ୟବକ୍ତାଭାବେ ପୂର୍ବତନ ଅଧାପକ ଅଜୟ ଓଝା, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଶୁକଦେବ ନାୟକ, କୁଶଚରଣ ସାମଲ, ବିଷ୍ଣୁଚରଣ ଭୂୟାଁ, ସରପଞ୍ଚ ଆଶାଲତା ନାୟକ, ପୂର୍ବତନ ସରପଞ୍ଚ ଅକ୍ଷୟ ନାୟକ, ଅନାମ ଚରଣ ଆରୁକ, ପଣ୍ଡିତ ରୁଦ୍ରାକ୍ଷ ଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ଶ୍ରେଷ୍ଠ ବିଦ୍ୟାଳୟଭାବେ ବିବେଚିତ ହୋଇଥିବା ବାଙ୍ଗରା କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠକୁ ମା' ଯଶୋଦା କଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗାଁ ମାଟି ସମ୍ମାନରେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ଭୂୟାଁ, ପ୍ରଧାନ ଶିକ୍ଷକ ବନବିହାରୀ ଧଳ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱପ୍ନାକୁମାରୀ ନାୟକ, ଶିକ୍ଷକ ଅକ୍ଷୟ ନାୟକ, ଦିଲୀପ ଦାଶ, ବିରେନ୍ଦ୍ର ନାରାୟଣ ଦାସ, ପରମାନନ୍ଦ ବାରିକଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁପମା ନାୟକଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। କମିଟି ଅଧକ୍ଷ ସରୋଜ ପାଗଳ ମାନପତ୍ର ପାଠ କରିଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର, ପ୍ରତିଭାବାଳା ସାମଲ, ଚିତ୍ରଲେଖା ସାହୁ, କମଳା କାନ୍ତ ସିଂ ପ୍ରମୁଖ ପରିଚାଳନା କରିଥିଲେ।



ସମାରୋହ ମଞ୍ଚରେ ଉପସ୍ଥିତ ଅତିଥି।

# ବିଡିଓଙ୍କ ନିକଟରେ ଅଭିଯୋଗ କଲେ ଲୋକେ

## ବିନା ସୂଚନା ଫଳକରେ ଚାଲିଛି ରାସ୍ତା କାମ

■କାର୍ଯ୍ୟ ତଦାରଖ କରୁ ନାହାନ୍ତି ଅଧିକାରୀ
■ତଦନ୍ତ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଡିଓଙ୍କ ନିର୍ଦ୍ଦେଶ

କଳିଙ୍ଗନଗର,୨୭।୨(ଡିଏନଏ)

ଦାନଗଦି ବ୍ଲକ କୁମ୍ଭୀରଗାଡ଼ିଆ ଗ୍ରାମ ପଞ୍ଚାୟତର ଛତ୍ରକଣ ଗ୍ରାମ୍ୟ ରାସ୍ତା ବିନା ସୂଚନା ଫଳକରେ ନିର୍ମାଣ କରାଯାଉଥିବା ସ୍ଥାନୀୟ ଲୋକେ ଗୁରୁବାର ଅଭିଯୋଗ ଆଣିଛନ୍ତି। ଏହାର ତଦାରଖ ପାଇଁ ଦାନଗଦି ବିଡିଓ ମଣିପ୍ରସାଦ ମିଶ୍ରଙ୍କଠାରେ ସ୍ଥାନୀୟ ଲୋକେ ଲିଖିତ ଅଭିଯୋଗ କରିଛନ୍ତି। ନିର୍ମାଣ ଚାଲୁଥିବାବେଳେ ଏଠାରେ ସୂଚନା ଫଳକ ଲଗାଯାଇ ନ ଥିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ଉପୁଜିଛି। କାରଣ ସୂଚନା ଫଳକରେ କାମର ଅଟକଳ ପରିମାଣ, ଠିକାଦାରଙ୍କ ନାମ ସହ ରାସ୍ତା ନିର୍ମାଣ ସମ୍ପର୍କରେ ସମସ୍ତ ତଥ୍ୟ ଅବଗତ କରାଯାଇଥାଏ। ସ୍ଥାନୀୟ ଲୋକେ କାର୍ଯ୍ୟ ସମ୍ପର୍କରେ ସମସ୍ତ ତଥ୍ୟ ଜାଣିଥାନ୍ତି। କିନ୍ତୁ ସୂଚନା ଫଳକ ନ ଥିବାରୁ ଗ୍ରାମ୍ୟରାସ୍ତା ନିର୍ମାଣ ସମ୍ପର୍କରେ ସ୍ଥାନୀୟ ଲୋକେ କିଛି ଜାଣିପାରୁ ନାହାନ୍ତି। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କଠାରେ ଅସନ୍ତୋଷ ଦେଖାଦେଇଛି। ଏପରିକି ବ୍ଲକର କୌଣସି ଅଧିକାରୀ କାର୍ଯ୍ୟସ୍ଥଳରେ ଦେଖିବାକୁ ମିଳୁ ନାହାନ୍ତି। କେବଳ ସରପଞ୍ଚଙ୍କ ସ୍ୱାମୀ ରାସ୍ତା କାମ ନିକଟରେ ଛିଡ଼ା ହୋଇ କାମ କରାଉଥିବା ଛତ୍ରକଣ ଗାଁର ଗ୍ରାମ୍ୟ ସଭ୍ୟ ବିଦ୍ୟାଧର ପାତ୍ର, ଶ୍ୟାମସୁନ୍ଦର ପାତ୍ର, ଜଗବନ୍ଧୁ ପାତ୍ର, ମଦନ ପାତ୍ର ପ୍ରମୁଖ ଶତାଧିକ ଲୋକ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ତୁରନ୍ତ ଏହାର ତଦନ୍ତ ପାଇଁ ବିଡିଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଯାହାକି ସୂଚନା ଫଳକକୁ ନେଇ ଠିକାଦାର ଏବେ ଅଡୁଆରେ ପଡିଛନ୍ତି। କାରଣ ଏହି କାର୍ଯ୍ୟ ଡିପାର୍ଟମେଣ୍ଟ କରୁଥିବା ବ୍ଲକର ଜଣେ ପଦାଧିକାରୀଙ୍କଠାରୁ ଜଣାପଡିଛି। ସମ୍ପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କ ନାଁରେ ଡିପାର୍ଟମେଣ୍ଟ କାର୍ଯ୍ୟ କରାଯାଇଥାଏ। ତେଣୁ କନିଷ୍ଠ ଯନ୍ତ୍ରୀଙ୍କ ଲାଭଖୋର ନୀତି ପାଇଁ ଏଭଳି ବେଆଇନ କାର୍ଯ୍ୟକୁ ଆପଣାଯାଉଥିବା ଅଭିଯୋଗରେ ଦର୍ଶାଯାଇଛି। ତେଣୁ ତୁରନ୍ତ ସୂଚନା ଫଳକ ଲଗାଇବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ମଣିପ୍ରସାଦ ମିଶ୍ରଙ୍କୁ ପଚାରିବାରେ, ଛତ୍ରକଣ ଗ୍ରାମ୍ୟରାସ୍ତା ନିର୍ମାଣ ସ୍ଥାନରେ ସୂଚନା ଫଳକ ଲାଗି ନ ଥିବା ଗାଁର ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ସମ୍ପର୍କରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଅପରପକ୍ଷରେ ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ନ ହୋଇପାରିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ୨୦ ପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚିନି ପାଇପ ପାଣି

**କେନ୍ଦ୍ରାପଡା ଅଫିସ,୨୭।୨**

ଜଣେ ସାଧାରଣ ମନୁଷ୍ୟ ବ୍ୟବହାର ପାଇଁ ଅନ୍ୟୂନ ୪୦ ଲିଟର ଜଳର ଆବଶ୍ୟକତା ଅଛି । ଏଣୁ ଶୁଦ୍ଧ ପାନୀୟ ଜଳ ପାଇପ ଯୋଗେ ପ୍ରତି ଘରକୁ ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏହାଦ୍ୱାରା ପ୍ରଦୂଷିତ ଜଳ ବ୍ୟବହାର ଯୋଗୁ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ । କେନ୍ଦ୍ର ସରକାରଙ୍କ ଆକ୍ସିଲେରେଟେଡ ରୁରାଲ ୱାଟର ସପ୍ଲାଏ ପ୍ରୋଗାମ, ଜଳଜୀବନ ମିଶନ ସହିତ ରାଜ୍ୟର ବସୁଧା ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ରାଜ୍ୟରେ ହାରାହାରି ୪୬.୨୬ ପ୍ରତିଶତ ଲୋକଙ୍କୁ ପାଇପ ପାଣି ଯୋଗାଇ ଦିଆଯାଉଛି । ତେବେ ରାଜ୍ୟର ୩୦ଟି ଜିଲା ମଧ୍ୟରୁ ପାଇପ ପାଣି ଯୋଗାଣରେ ଗଞ୍ଜାମ ଜିଲାରେ ୬୫.୮୪ ପ୍ରତିଶତ ଲୋକ ଏହାର ସୁଯୋଗ ପାଉଥିବା ବେଳେ କେନ୍ଦ୍ରାପଡା ଜିଲା ୩୦ତମ ସ୍ଥାନରେ ଅଛି । ଏହି ଜିଲାରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଥିବା ବେଳେ ମାତ୍ର ୨.୯୬ ଲକ୍ଷ ଲୋକ ଏଥିରେ ଉପକୃତ ହେଉଛନ୍ତି । ଯାହା ୨୦ ପ୍ରତିଶତ କମ । ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତଥ୍ୟ ଅନୁଯାୟୀ, ୨୦୦୯– ୧୦ ଆର୍ଥିକ ବର୍ଷ ପୂର୍ବରୁ ଏହି ଜିଲାରେ ୧୩୩ଟି ପାଣି ପାଇପ ପ୍ରକଳ୍ପ ଥିବା ବେଳେ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ୩୧୩ଟି ପ୍ରକଳ୍ପ ହୋଇଛି । କେନ୍ଦ୍ରାପଡା ଜିଲାର ୧୫୯୧ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୬୭୮ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି । ଏଥିମଧ୍ୟରୁ ୪୫୨ ଗ୍ରାମବାସୀ ଏହି ସୁବିଧା ପାଉଥିବା ବେଳେ ୨୨୬ ଗ୍ରାମର ଶେଷ ମୁଣ୍ଡରେ ଏହି ପାଣି ପହଞ୍ଚି ପାରୁନାହିଁ । ଗ୍ରାମାଞ୍ଚଳର ଶତକଡା ୧୦ ଭାଗ ନଳକୂପରେ ଫ୍ଲୋରାଇଡ, ଆଇରନ ଓ ଲୁଣା ଅଂଶ ଅଛି । ଏଥିପାଇଁ ଜିଲାର ନଦୀ ଓ ପୋଖରୀ ଜଳକୁ ପାନୀୟ ଭାବେ ଗ୍ରହଣ କରୁଥିବା ଲକ୍ଷାଧିକ ଲୋକ ଜଳବାହିତ ରୋଗରେ ପୀଡିତ ହେଉଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଦର୍ଶାଉଛି । ମାର୍ଶାଘାଇ ବ୍ଲକର ବିଲବଲରାମପୁର, ଅନ୍ତେଇ, ଗୋଧନ, ମଙ୍ଗରାଜପୁର, ବାଲିକଷଟି, ହିନ୍ଦୁଳିଆ, ଶ୍ରୀଧରପୁର, ଏଣ୍ଡର, କୁଶିଆପାଳ, ଗରଦପୁର ବ୍ଲକର ଚଅଁପୁର, କୁସୁନପୁର, ବଙ୍ଗାରୀ ବସନ୍ତପୁର ଆଦି ଗ୍ରାମଗୁଡିକରେ ପାନୀୟ ଜଳର ଅଭାବ ଖରା ଆରମ୍ଭରୁ ଦେଖାଯାଇଛି । ପାନୀୟ ଜଳ ସଙ୍କଟ ସମ୍ପର୍କରେ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ଦାସ କୁହନ୍ତି ଯେ, ଜିଲାର ୭ ନଦୀ ଓ ୨୭ ଶାଖାନଦୀଗୁଡିକ ବୈତରଣୀ, ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରୁ ଜଳଗ୍ରହଣ କରିଥାନ୍ତି । ୨୦୧୧ ଷ୍ଟେଟ ୱାଟର ମିଶନ ସର୍ଭେ ରିପୋର୍ଟ ଅନୁଯାୟୀ, ବୈତରଣୀର ୫୫.୮୧ ପ୍ରତିଶତ ମଧୁର ଜଳ ସମୁଦ୍ରରେ ମିଶୁଥିବା ବେଳେ ବ୍ରାହ୍ମଣୀର ୪୦.୭୮ ପ୍ରତିଶତ ଜଳ ସମୁଦ୍ରରେ ନଷ୍ଟ ହେଉଛି । ମହାନଦୀ ସିଷ୍ଟମ ଏବେ ଶୁଖିଲା ପଡିଛି । ଫଳରେ ଲୁଣା, ଚିତ୍ରୋତ୍ପଳାରେ ଜଳଧାରା କମ୍ ରହୁଛି । କେନ୍ଦ୍ରାପଡା ସହରରେ ଲୁଣା ନଦୀ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି । ଜଳାଭାବରୁ ବର୍ଷସାରା ମୋଟର ପମ୍ପକୁ ବାରମ୍ବାର ବନ୍ଦ କରାଯାଉଛି । ଅଗାମୀ ଦିନରେ ଏହି ସଙ୍କଟ ଉତ୍କଟ ରୂପ ନେବ ବୋଲି ସେ ଚେତାବନୀ ଦେଇଛନ୍ତି । ଜିଲା ଜନସୁରକ୍ଷା ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି ଯେ, ଜଳ ସଙ୍କଟ ଦୂର ପାଇଁ ପ୍ରାକୃତିକ ଜଳ ଉତ୍ସର ସୁରକ୍ଷା, ନଦୀ କୂଳରେ ବୃକ୍ଷରୋପଣ, ଚେକଡ୍ୟାମ ନିର୍ମାଣ ଜରୁରୀ ହୋଇପଡିଛି । ଜଳ ସୁରକ୍ଷା ଆଇନ ୨୦୧୭କୁ ଉପଯୋଗ କରି ନଦୀ ଉପବାହିକାରେ ଅବାଧ ନିର୍ମାଣ ବନ୍ଦ କରିବା, ଲଘୁ ଖଣିଜ ସମ୍ପଦକୁ ସୁରକ୍ଷିତ ରଖିବା, ଜବର ଦଖଲ ନ ହଟାଇଲେ ଜିଲାରେ ଜଳ ସଙ୍କଟ ଦେଖାଦେବ ବୋଲି କହିଛନ୍ତି । ପାନୀୟ ଜଳ ଯୋଗଣ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ଜିଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ସଜାଗ ଦୃଷ୍ଟି ଦିଆଯାଇଛି । ଜିଲାର ବିଭିନ୍ନ ସ୍ଥାନରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଚିଠା ପ୍ରସ୍ତାବ ହୋଇଥିବା ବେଳେ ଏଥିପାଇଁ କେତୋଟି ପ୍ରକଳ୍ପ ଆରମ୍ଭ ହୋଇଯାଇଛି । ଆସନ୍ତା ଦୁଇ ବର୍ଷ ମଧ୍ୟରେ ସମସ୍ତଙ୍କ ଘରକୁ ମଧୁର ପାନୀୟ ଜଳ ଯୋଗାଣ ହେବ ବୋଲି ଜିଲାପାଳ ବର୍ମା ପ୍ରକାଶ କରିଛନ୍ତି ।



**କେନ୍ଦ୍ରାପଡ଼ା ଜିଲା**

- ୨୨୬ ଗ୍ରାମର ଶେଷ ମୁଣ୍ଡରେ ପହଞ୍ଚୁ ନାହିଁ ପାଇପ ପାଣି
- ଲୁଣା ନଦୀ ଜଳ ପାନୀୟ ଭାବେ ବ୍ୟବହାର
- ଜିଲାରେ ରହିଛି ୭ ନଦୀ ଓ ୨୭ ଶାଖା ନଦୀ

## ସଂକ୍ଷେପରେ

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ



**ଡେରାବିଶ,୨୭।୨(ଡି.ଏନ.ଏ.):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣଶାସନସ୍ଥିତ ଲକ୍ଷେଶ୍ୱର ମନ୍ଦିର ପରିସରରେ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଶ୍ରୀ ଶ୍ରୀ ଲକ୍ଷେଶ୍ୱର କୃପା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହାଯଜ୍ଞ ଆସନ୍ତା ୪ ତାରିଖରେ ଶେଷ ହେବ । ଗତ ସୋମବାର ନିକଟସ୍ଥ ଅସୁରେଶ୍ୱରର ଶ୍ରୀ ରଘୁନାଥଜୀଉଙ୍କ ଆଜ୍ଞାମାଳ ଅଣାଯିବା ପରେ ଏହି ପ୍ରବଚନ ଯଜ୍ଞ ଆରମ୍ଭ ହୋଇଥିଲା । ଏଥିରେ ବ୍ୟାସ ଭାବରେ ମହନ୍ତ ଦିବାକର ଦାସ ଯୋଗ ଦେଇଥିବା ବେଳେ ପଣ୍ଡିତ ଓ ପ୍ରବଚକମାନେ ରାମାୟଣର ବିଭିନ୍ନ କାଣ୍ଡ ସମ୍ପର୍କରେ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ କୃପା ପରିଷଦର କର୍ମକର୍ତ୍ତାମାନେ ଅନୁରୋଧ କରିଛନ୍ତି ।

### ରଘୁଦେଇପୁର ସରପଞ୍ଚ ନିର୍ବାଚନ ମାମଲା
### ଜିଲାଜଜ୍‌ଙ୍କ କୋର୍ଟରେ ଅପିଲ

**କେନ୍ଦ୍ରାପଡା ଅଫିସ, ୨୭।୨:** ଗତ ୨୦୧୭ ମସିହାରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତର ସରପଞ୍ଚ ପଦବୀରେ ହରିବୋଲ ପଣ୍ଡା ନିର୍ବାଚିତ ହୋଇଥିଲେ । ତେବେ ତାଙ୍କର ୩ଟି ସନ୍ତାନ ଥିବା ଦର୍ଶାଇ ସିଭିଲ ଜଜ୍‌କୋର୍ଟ ତଥା ନିର୍ବାଚନ ଟ୍ରିବ୍ୟୁନାଲରେ ମାମଲା ହୋଇଥିଲା । ଏହି ମାମଲାର ବିଚାର ହୋଇ ଗତ ୨୦୧୯ ସେପ୍ଟେମ୍ବର ୩୦ରେ ତାଙ୍କ ପଦବୀ ରଦ୍ଦ ହୋଇଥିଲା। ଏହା ବିରୋଧରେ (ମାମଲା ନଂ- ୧/୧୭) ପ୍ରାର୍ଥୀ ହରିବୋଲ ଜିଲା ଜଜ୍ କୋର୍ଟରେ ଅପିଲ କରିଛନ୍ତି । ଏନେଇ ଗତ ୬ ତାରିଖରେ ଶୁଣାଣି ପରେ ୧୭ ତାରିଖରେ ଅପିଲକୁ ଗ୍ରହଣ କରାଯାଇଛି। ମାମଲା ଅନୁଯାୟୀ, ହରିବୋଲ ଏହି ନିର୍ବାଚନରେ ସଂଖ୍ୟାଧିକ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ପ୍ରତିଦ୍ୱନ୍ଦ୍ୱୀ ଗୌରାଙ୍ଗ ମହାରଣା ବିଜୟୀ ପ୍ରାର୍ଥୀ ହରିବୋଲଙ୍କର ୩ ଟି ସନ୍ତାନ ଥିବା ଦର୍ଶାଇ ମାମଲା ରୁଜୁ କରିଥିଲେ ।

### ଶୋକ ଖବର

ରାଜନଗର, ୨୭।୨(ଡି.ଏନ.ଏ.)
ରାଜନଗର ବ୍ଲକ ବାର୍ହାପୁର ଗ୍ରାମର ଶଶୀପ୍ରିୟା ବେହେରାଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତା ବେହେରା ଜଣେ ଧର୍ମ ପରାୟଣା, ପରୋପକାରୀ ମହିଳା ଥିଲେ । ସେ ହେଉଛନ୍ତି କୋଇଲିପୁରର ପୂର୍ବତନ ସରପଞ୍ଚ ବାସୁଦେବ ବେହେରାଙ୍କ ପତ୍ନୀ । ତାଙ୍କ ବିୟୋଗରେ କୋଇଲିପୁର ସରପଞ୍ଚ ରଶ୍ମିତା ପ୍ରତିହାରୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

### ପୁରାତନ ଛାତ୍ର ସଂସଦ ବୈଠକ ଓ ବିଦାୟ ସମ୍ବର୍ଦ୍ଧନା

**ଡେରାବିଶ,୨୭।୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପୁରାତନ ଛାତ୍ର ସଂସଦର ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦର ବୈଠକରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଦିଲୀପ କୁମାର ଭୂୟାଁ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମଦନ ମୋହନ ଜେନା ମୁଖ୍ୟଅତିଥି ଏବଂ ଶିକ୍ଷା ବିଭାଗର ମୁଖ୍ୟ ଡ. ରାମଚନ୍ଦ୍ର ମହାପାତ୍ର ଓ ଡ. ଲକ୍ଷ୍ମଣ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଚଳିତବର୍ଷର ୩ୟ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରଥମ ଓ ଦ୍ୱିତୀୟ ବର୍ଷର ଔରଶିଖା ପରିଡା, ବନିତା ମୁଦୁଲି, ଉଷାରାଣୀ ଦାସ, ଜୟଶ୍ରୀ ନାୟକ, ସୌଭାଗ୍ୟ ନାୟକ, ଆକବର ଖାଁ ପ୍ରମୁଖ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମାଜ ବିଜ୍ଞାନ ବିଭାଗର ଅଧ୍ୟାପକ ରମାକାନ୍ତ ଦାସ ଉଭୟ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଶୃଙ୍ଖଳିତ ଶିକ୍ଷାର୍ଥୀ ପ୍ରତ୍ୟେକ ସମସ୍ୟାର ସମାଧାନ ଖୋଜେ



ବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀ ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୨୭।୨**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ରଞ୍ଜିତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଓ ବିଧାୟକ ଶଶିଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷାର୍ଥୀ ଜୀବନରେ ଶୃଙ୍ଖଳାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ସେମାନେ କହିଥିଲେ ଯେ, ଶିକ୍ଷା ଆମକୁ ପଥ ପ୍ରଦର୍ଶନ କରିଥାଏ । ତେବେ ଏଥିପାଇଁ ଶିକ୍ଷାର୍ଥୀଙ୍କୁ ଶୃଙ୍ଖଳିତ ହେବାକୁ ପଡିବ । ଶୃଙ୍ଖଳିତ ଶିକ୍ଷାର୍ଥୀ ଜୀବନର ପ୍ରତ୍ୟେକ ସମସ୍ୟାର ସମାଧାନ ସୂତ୍ର ଶୀଘ୍ର ଖୋଜିଥାଏ ବୋଲି ସେମାନେ ପ୍ରକାଶ କରିଥିଲେ । ଅଧ୍ୟାପିକା ପ୍ରମିଳା ରାଣୀ ବେହେରା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ଅଧ୍ୟାପକ ଅଜୟ କୁମାର ରାଉତ, ଅଧ୍ୟାପିକା ପ୍ରତିମା ବାରିକ ଓ ଅଧ୍ୟାପିକା ବାସବଦତ୍ତା ଜେନା ଉତ୍ସବ ପରିଚାଳନା କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ ।

# ଚାନ୍ଦୋଳ ଅଞ୍ଚଳରେ ଲୁଟେରା ସକ୍ରିୟ

**ଡେରାବିଶ,୨୭।୨(ସ୍ୱ.ପ୍ର.)**

ଡେରାବିଶ ଥାନା ଖମୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ କଲେଜ ଛକ ଅଞ୍ଚଳରେ ଲୁଟେରାମାନେ ସକ୍ରିୟ ହୋଇ ପଡିଛନ୍ତି । ଗତ କିଛି ଦିନ ପୂର୍ବରୁ ତେଜରାତି ଦୋକାନ, ପାନ ଦୋକାନର ତାଲା ଭାଙ୍ଗି ଚୋରି ହୋଇଥିବା ବେଳେ ଏବେ ଦିନ ଦ୍ୱିପ୍ରହରରେ ବିଭିନ୍ନ ସ୍ଥାନରୁ ସାଇକେଲ ଚୋରି ହେଉଛି ।

ପ୍ରକାଶ ଯେ, ବୁଧବାର କଟକ–ଚାନ୍ଦବାଲି ରାସ୍ତାର ଚାନ୍ଦୋଳ କଲେଜ ଛକରେ ଥିବା ଏକ କମ୍ପ୍ୟୁଟର ଇନ୍‌ଷ୍ଟିଚ୍ୟୁଟ ସମ୍ମୁଖରେ ଛାତ୍ରୀଛାତ୍ରମାନେ ସାଇକେଲ ରଖି ଭିତରକୁ ପାଠ ପଢ଼ିବାକୁ ଯାଇଥିଲେ। ଏହି ସୁଯୋଗରେ ଜଣେ ଦୁର୍ବୃତ୍ତ ମୁହଁରେ ଗାମୁଛା ବାନ୍ଧି କୌଶଳ କ୍ରମେ ଗୋଟିଏ ସାଇକେଲ ଚୋରି କରି ନେଇ ପଳାଇ ଯାଉଥିବା ଏହି ଇନ୍‌ଷ୍ଟିଚ୍ୟୁଟ୍‌ରେ ଲାଗିଥିବା ସିସି କ୍ୟାମେରାରେ କଏଦ ହୋଇଥିବା ଦେଖାଯାଇଛି । ତେବେ ଚୋର ଧରାପଡି ନ ଥିବା ବେଳେ ଏହି ଚୋରି ନେଇ ସ୍ଥାନୀୟ ଅଞ୍ଚଳବାସୀ ଓ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। କଟକ–ଚାନ୍ଦବାଲି ରାସ୍ତାର ସଲାର ମଠ ଠାରୁ ଚଣ୍ଡିବଜାର ପର୍ଯ୍ୟନ୍ତ ରାସ୍ତା ଡେରାବିଶ ଥାନା ଅଧୀନରେ ରହିଛି । ଏହି ସ୍ଥାନ ଡେରାବିଶ ଥାନା ଠାରୁ ପାଖାପାଖି ୧୫ କିଲୋମିଟର ଦୂର । ଏଠାରେ ଡେରାବିଶ ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଏ ନାହିଁ । ଯଦି କୌଣସି ଦୁର୍ଘଟଣା ଘଟେ ,ତେବେ ଖବର ପାଇ ପୋଲିସ ଏଠାରେ ପହଞ୍ଚିଲା ବେଳକୁ ଦୀର୍ଘ ସମୟ ଲାଗିଥାଏ । ତେଣୁ ସଲାର ମଠ ଠାରୁ ଚଣ୍ଡିବଜାର ପର୍ଯ୍ୟନ୍ତ ରାସ୍ତାକୁ ସଦର ଥାନା ଅଧୀନକୁ ନେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

### ମଧ୍ୟାହ୍ନ ଭୋଜନ ହଡପ ଉଦ୍ୟମ ଅଭିଯୋଗ
### ଭୁଲ୍ ତଥ୍ୟ ଦେଇ ପ୍ରଧାନଶିକ୍ଷକ ନିଲମ୍ବିତ

ରାଜନଗର, ୨୭।୨(ଡି.ଏନ.ଏ.)
ରାଜନଗର ବ୍ଲକରେ ମଧ୍ୟାହ୍ନଭୋଜନ ହଡପ ଲାଗି ଉଦ୍ୟମ ଘଟଣା ସାମ୍ନାକୁ ଆସିବା ପରେ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବୁଧବାର ରାଜନଗର ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ କରିଛନ୍ତି । ଏହି ଘଟଣା ପରେ ଶିକ୍ଷକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ,ପ୍ରତିକୂଳ ପାଗ ଯୋଗୁ ମଙ୍ଗଳବାର ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ କୁଶାଇଲୋ ପ୍ରାଥମିକ ବିଦ୍ୟାଳୟକୁ ଜଣେ ମାତ୍ର ଛାତ୍ର ଆସିଥିଲେ। ତେଣୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ନ ଥିଲା। ମାତ୍ର ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନ ବିଦ୍ୟାଳୟରେ ୩୮ଜଣ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇଥିବା ନେଇ ଶିକ୍ଷାବିଭାଗର ୱେବସାଇଟରେ ଦର୍ଶାଇଥିଲେ। ଏ ନେଇ ଗ୍ରାମବାସୀ ଓ ଅଭିଭାବକ ଅଭିଯୋଗ କରିବା ପରେ ରାଜନଗର ବ୍ଲକ ଶିକ୍ଷାଧିକାରୀ ସିଆରସିସିଙ୍କୁ ପଠାଇ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ପାଇବା ପରେ ବୁଧବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନଙ୍କୁ ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଅବଧିରେ ରାଜନଗର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଦୁଇଦିନ ତଳେ କିଆପୋରି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ କର୍ତ୍ତବ୍ୟରେ ଅବହେଳା କରିବା ଅଭିଯୋଗରେ ନିଲମ୍ବିତ କରାଯାଇଥିଲା ।

# ୨୯ରୁ ଦୁଇଦିନିଆ ମେଗା ସ୍ୱାସ୍ଥ୍ୟମେଳା

କେନ୍ଦ୍ରାପଡା ଅଫିସ,୨୭।୨–ପଟ୍ଟାମୁଣ୍ଡାଇ ବ୍ଲକ ବଡମୋହନପୁର ପଞ୍ଚାୟତ ବଡପଡା ମହାବିଦ୍ୟାଳୟ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୯ ଓ ୧ ତାରିଖରେ ଦୁଇଦିନ ଧରି ଦୁଇଦିନିଆ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହେବ । ଏହି ସ୍ୱାସ୍ଥ୍ୟମେଳା ପୂର୍ବାହ୍ନ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ । ପ୍ରାୟ ୨ ହଜାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବାର ଅଛି । ଏହି ପରିପ୍ରେକ୍ଷୀରେ ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ସ୍ୱାସ୍ଥ୍ୟମେଳା ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ଧରଣୀଧରଙ୍କ ଶ୍ରଦ୍ଧାଞ୍ଜଳି ସଭା




ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିମାନେ।

**ପଟ୍ଟାମୁଣ୍ଡାଇ,୨୭।୨(ସ୍ୱ.ପ୍ର.)**
ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ସାମାଜିକ କର୍ମୀ ଧରଣୀଧର ଦାସଙ୍କ ବିୟୋଗରେ ଅମୃତମଣୋହୀସ୍ଥିତ ତାଙ୍କ ବାସଭବନ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାକ୍ତନ ସରପଞ୍ଚ କୁଞ୍ଜବିହାରୀ ପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ଡା. ଗଦାଧର ମଲ୍ଲିକଙ୍କ ସଂଯୋଜନାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଦାସଙ୍କ ଗୁଣଗାନ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସରପଞ୍ଚ ବସନ୍ତ କୁମାର ମଲ୍ଲିକ, ବ୍ରାହ୍ମଣୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଶିକ୍ଷାବିତ୍ ବଷ୍ଟୁଚରଣ ଦାସ, କବି ନୃସିଂହ ମଲ୍ଲିକ, ଜିଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ରାଜକୁମାର ବିଶ୍ୱାଳ, ସତ୍ୟାନନ୍ଦ ଦାସ, ନୃସିଂହ ଚରଣ ରାଉତ, ଉଷାଦେବୀ ମହିଳା କଲେଜ ଅଧ୍ୟକ୍ଷା ଶକୁନ୍ତଳା ରାଉତ, ସରପଞ୍ଚ କୁଳମଣି ମଲିକ, ଶିକ୍ଷକ କୁଳମଣି ଦାସ, ରାଜେନ୍ଦ୍ର ପ୍ରଧାନ, ବାସୁଦେବ ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ ରଞ୍ଜିତ ରାଉତ, ସମବାୟବିତ ଉଲ୍ଲାସ ଚନ୍ଦ୍ର ମଲ୍ଲିକ, ନାରାୟଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସଙ୍ଗୀତକାର ସୁଧାଂଶୁ ଶେଖର ଦାସ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ । ଏହାଛଡା ବହୁ କବି ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୁରୁଚରଣ ଦାସ, ରାଜକିଶୋର ଦାସ, ପ୍ରସନ୍ନ ଦାଶ, ସୁରେଶ ବେହେରା, ସୁରେନ୍ଦ୍ର କୁମାର ସେଠୀ, ରଞ୍ଜିତ ମଲିକ ପ୍ରମୁଖ ସହାୟତା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ଦାଶଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଡପୁଅ ହରଚିତ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁ ଦାଣ୍ଡରେ ପାଣି : ଲୋକେ ହନ୍ତସନ୍ତ

**ମାର୍ଶାଘାଇ,୨୭।୨(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତର ତାଳସଙ୍ଗା ଗ୍ରାମରେ ଜଳ ନିଷ୍କାସନ ନେଇ ସମସ୍ୟା ଲାଗି ରହିଛି । ଅସରାଏ ବର୍ଷା ହେଲେ ଦିନ ଦିନ ଧରି ଗାଁ ଦାଣ୍ଡରେ ପାଣି ଜମି ରହୁଛି । ଫଳରେ ଲୋକେ ଯାତାୟାତ ପାଇଁ ହନ୍ତସନ୍ତ ହେଉଛନ୍ତି ।

ପ୍ରକାଶ ଯେ, ତାଳସଙ୍ଗା ଗ୍ରାମବାସୀ ଦୈନନ୍ଦିନ ଯାତାୟାତ କରୁଥିବା ପଞ୍ଚାୟତ ରାସ୍ତା ବର୍ଷ ବର୍ଷ ଧରି କାମ ନ ହୋଇ ପଡି ରହିଛି। ଫଳରେ ବର୍ଷା ହେଲେ ପାଣି ନିଷ୍କାସନ ନ ହୋଇ ଜମି ରହୁଛି। ତାଳସଙ୍ଗା ପଞ୍ଚାୟତ ଅଫିସ କଡେ କଡେ ଗାଁ ମଧକୁ ଯାଇଥିବା ମୁଖ୍ୟରାସ୍ତା ଦୀର୍ଘ ୧୦ ବର୍ଷ ତଳେ ଢଳେଇ ହୋଇଥିଲା। ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର କରାଯାଇଥିବାରୁ କିଛି ଦିନ ପରେ କେତେକ ସ୍ଥାନରୁ କଂକ୍ରିଟ ଉଠିଯାଇଥିଲା ଗ୍ରାମର ଧନୁର୍ଦ୍ଧର ବେହେରାଙ୍କ ଘର ନିକଟରୁ ଦୁର୍ଯ୍ୟୋଧନ ଦାସଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଗାଁ ଦାଣ୍ଡରୁ ପାଣି ନିଷ୍କାସନ ନ ହୋଇ ଜମି ରହିବା ଫଳରେ ମଶାବଂଶ ବୃଦ୍ଧି ପାଇବାରେ ଲାଗିଛି। ମରାମତି ପାଇଁ ଗ୍ରାମବାସୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ମରାମତି କରିବା ସହ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଗାଁ ରାସ୍ତାରେ ପାଣି ଜମି ରହିଛି।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ବାର୍ଷିକ ଉତ୍ସବ

**କେନ୍ଦ୍ରାପଡା ଅଫିସ,୨୭।୨**

ପ୍ରତିବର୍ଷ ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଉତ୍ସବ ସାଧାରଣରେ ମନୋଜ୍ଞ ପରିବେଶ ସୃଷ୍ଟି କରୁଥିଲେ ମଧ୍ୟ ଶିକ୍ଷାର୍ଥୀମାନେ ବର୍ଷସାରା ପଢ଼ିଥିବା ପାଠର ହିସାବ ନିକାଶକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି ।

ଗୁରୁବାର କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ ଉପରୋକ୍ତ ମତ ଦେଇଥିଲେ । ସେ ଆହୁରି କହିଥିଲେ ଯେ, କର୍ମ ନିଯୁକ୍ତି ସାମ୍ପ୍ରତିକ ସମୟର ଏକ ସମସ୍ୟା । ସୀମିତ ସରକାରୀ ଚାକିରି ଯୁବବର୍ଗଙ୍କୁ କର୍ମନିଯୁକ୍ତି ଦେବା ପାଇଁ ପର୍ଯ୍ୟାପ୍ତ ହେଉ ନ ଥିବା ବେଳେ ବେସରକାରୀ ଚାକିରି କ୍ଷେତ୍ରରେ ବିଭିନ୍ନ ସମସ୍ୟା ଅଛି । ଏଥିପାଇଁ କର୍ମନିଯୁକ୍ତି ଭିତ୍ତିକ ଶିକ୍ଷାକୁ ଯୁବବର୍ଗ ଗୁରୁତ୍ୱ ଦେବା ଆବଶ୍ୟକ । ରାଜ୍ୟ ସରକାର ମଧ୍ୟ ଏନେଇ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ସେ ଏହି ଅବସରରେ ପ୍ରକାଶ କରିଥିଲେ । ଏଥିସହ ସେ କହିଥିଲେ ଯେ, ଶିକ୍ଷାର୍ଥୀମାନେ ବର୍ଷର ପରିଶ୍ରମକୁ ସମୀକ୍ଷା କଲେ ଭବିଷ୍ୟତ ଜୀବନ ସୁଖମୟ ହେବ । ଏଥିପାଇଁ ଶିକ୍ଷାର୍ଥୀ, ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗ ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ତ୍ରିପାଠୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ବିଧାୟକ ଶଶିଭୂଷଣ ବେହେରା, ଛାତ୍ର ସଂସଦ ଉପଦେଷ୍ଟା ରାମଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବକୁ ଅଧ୍ୟାପିକା ସୀମା ମହାନ୍ତି, ଅଧ୍ୟାପକ ତପନ କୁମାର ପତି ପରିଚାଳନା କରିଥିଲେ । ଏଥିରେ ସମସ୍ତ ଶିକ୍ଷାର୍ଥୀ ଓ ମହାବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ, ଯୁବକ ଗିରଫ

**କୁଜଙ୍ଗ, ୨୭।୨ (ଡି.ଏନ୍.ଏ.):** କୁଜଙ୍ଗ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜିଲାନାସୀ ଗ୍ରାମର ଭାଗ୍ୟଧର ବେହେରାଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ପ୍ରକାଶ ଯେ, ମହିଳା ଜଣକ ନିଜ ପିଉସୀ ଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ଅପରାହ୍ନରେ ସେ ମହାନଦୀ ପଠାକୁ ଶୌଚ ହେବାକୁ ଯାଇଥିବା ବେଳେ ଭାଗ୍ୟଧର ତାଙ୍କୁ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ମହିଳା ଜଣକ ତାଙ୍କ ଆଖିରେ ବାଲି ପକାଇ ସେଠାରୁ ଖସି ଆସିଥିଲେ। ବୁଧବାର ଏ ନେଇ ମହିଳାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୬୦/୨୦ରେ ମାମଲା ରୁଜୁ କରି ଭାଗ୍ୟଧରଙ୍କୁ ପୋଲିସ ଭାଗ୍ୟଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାକୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

**ବିରିଡି, ୨୭।୨ (ଡି.ଏନ୍.ଏ):** ବିରିଡ଼ି ଥାନା ଅଞ୍ଚଳରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ନିତିଦିନିଆ ଘଟଣା ହୋଇଗଲାଣି। ଗତ ୧୫ ଦିନ ଭିତରେ ୬ଟି ଟ୍ରାନ୍ସଫର୍ମର ଚୋରି ହୋଇଥିବା ବେଳେ ଗତ ମଙ୍ଗଳବାର ରାତିରେ ୨୨ମୌଜାର କାଉପଡା ଭୋଇ ସାହି, ସାନଖରମଙ୍ଗା ଭୋଇ ସାହି ଓ କାଣ୍ଡି ସାହିରୁ ଦୁର୍ବୃତ୍ତମାନେ ୩ଟି ଟ୍ରାନ୍ସଫର୍ମର ଚୋରି କରି ନେଇଛନ୍ତି। ଏ ନେଇ ସେସୁ କନିଷ୍ଠ ପରିଚାଳକ ବନୋଜ ନାୟକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୨୬/୨୦ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ବେଲେଶ୍ୱର ପୀଠରେ ଜାଗରଯାତ୍ରା ଉଦ୍‌ଯାପିତ

**ବାଲିଆ, ୨୭।୨:** ବିରିଡି ବ୍ଲକସ୍ଥିତ ବେଲେଶ୍ୱର ମହାଦେବ ପୀଠରେ ଚାଲିଥିବା ଜାଗର ଯାତ୍ରା ଓ ୬୬ତମ ବାଦୀପାଲା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପୂଜା କମିଟି ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରବୋଧ କୁମାର ଭୋଇ, ଉପସଭାପତି ଶ୍ୱେତ କୁମାର ରାଉତ, କୋଷାଧ୍ୟକ୍ଷ ନାରାୟଣ ସେନାପତି, ରାମଚନ୍ଦ୍ର ଖୁଣ୍ଟିଆ, ରମେଶ ମହାପାତ୍ର, ବିଷ୍ଣୁ ଚରଣ ସେନାପତି, ସୁରେନ୍ଦ୍ର ଭୋଇ, ଅକ୍ଷୟ ମଲ୍ଲିକ, ଦାମୋଦର ଦଲାଇ, ବିଶ୍ୱନାଥ ବସ୍ତିଆ, ଯୋଗେନ୍ଦ୍ର ବେହେରା, ବିଦ୍ୟୁତ୍ ଭୂଷଣ ମହାରଣାଙ୍କ ସମେତ ଥୋରିଆପଡା, ତେନ୍ତୁଲିଆ, ବଡଖଣ୍ଡାୟତ, ବେଲେଶ୍ୱରପୁର, ସୋମପୁର, ପାଇକରାବାଟି, ଗୋଠପଦା, ଅଡଙ୍ଗ, ବୋଧପୁର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଯୁବପିଢ଼ିଙ୍କୁ ଦିଗ୍‌ଦର୍ଶନ ଦେବା ସହ ଉତ୍ତମ ଶିକ୍ଷା କିଭଳି ଜୀବନକୁ ସୁଖମୟ କରିପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ବାଦୀପାଲାର ମୂଳ ଲକ୍ଷ୍ୟ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ବାଦୀ ଗାୟକ ପୁରୀର ରାଜକିଶୋର ମୁଦୁଲି, ପ୍ରତିବାଦୀ ଗାୟକ ଜଗତ୍‌ସିଂହପୁରର ଅଭିରାମ ଶତପଥୀ ପାଲା ପରିବେଷଣ କରିଥିଲେ।

# ରାଜୀବଙ୍କୁ ନୂଆ ପରିଚୟ ଦେଇଛି ଛତୁଚାଷ

**ଜଗତ୍‌ସିଂହପୁର ଅଫିସ୍, ୨୭।୨**



ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମନ୍ତ୍ରୀ ଅରୁଣ ସାହୁ ରାଜୀବଙ୍କୁ ପୁରସ୍କୃତ କରୁଛନ୍ତି।

- ଦିନ ଥିଲା, ଦିନକୁ ୨ ବେଳା ଖାଇବାକୁ ମିଳୁ ନ ଥିଲା
- ଏବେ ଉଦ୍ୟାନ ବିଭାଗ ପକ୍ଷରୁ ସଫଳ ଚାଷୀ ଭାବେ ସମ୍ମାନିତ
- ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ତାଙ୍କଠାରୁ କିଣୁଛନ୍ତି ବିହନ

ବିଫଳତା ହିଁ ସଫଳତାର ମାପକାଠି। ଏହା ୩୫ ବର୍ଷର ରାଜୀବ ରଥଙ୍କ କ୍ଷେତ୍ରରେ ପ୍ରମାଣିତ ହୋଇଛି। ତିର୍ତ୍ତୋଲ ଥାନା ଗୋପାଳପୁର ପଞ୍ଚାୟତ ଅଧୀନ ପୁଟିଙ୍ଗର ରାଜୀବ ଯୁକ୍ତ ୨ ପାଠ ପଢ଼ା ପରେ ପରିବାରର ଆର୍ଥିକ ସ୍ଥିତି ଅତି ଦୁର୍ବଳ ଯୋଗୁ ଜୀବିକା ନିର୍ବାହ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ରାଜଧାନୀରେ ଭଡ଼ା ଘରେ ରହି ଛତୁ ଚାଷ ଆରମ୍ଭ କରି ବିଫଳ ହେଲେ। ଦିନ ଥିଲା, ବେଳାଏ ଖାଇଲେ ବେଳାଏ ଉପବାସ ରହି ଦିନ କାଟିବାକୁ ପଡୁଥିଲା ରାଜୀବଙ୍କୁ। ଏହାସତ୍ତ୍ୱେ ବି ତାଙ୍କ ମନୋବଳ ଭାଙ୍ଗି ନ ଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି)ରେ ଛତୁଚାଷ ଉପରେ ତାଲିମ ନେବା ପରେ ଭୁବନେଶ୍ୱର ୟୁନିଟ୍-୮ସ୍ଥିତ ଅନ୍ୟ ଏକ ଭଡ଼ା ଜାଗାରେ ଛତୁଚାଷ ଆରମ୍ଭ କରିଥିଲେ। ତଥାପି ବିଫଳ ହେବାରୁ ବାଧ୍ୟ ହୋଇ ଗାଁକୁ ଚାଲି ଆସିଥିଲେ। କିନ୍ତୁ ତା'ପରେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଯଦିଓ ବହୁ କଷ୍ଟ ସହିବାକୁ ପଡ଼ିଛି ତଥାପି ଛତୁଚାଷରୁ ମୁହଁ ନ ଏଡ଼ାଇ ଅବିଶ୍ରାନ୍ତ ପରିଶ୍ରମ କରି ଆଜି ଜିଲାର ଜଣେ ସଫଳ ଚାଷୀ ଭାବେ ସମ୍ମାନିତ ହୋଇଛନ୍ତି। ଜିଲାର ସଫଳ ଉଦ୍ୟାନ ଚାଷୀ ଭାବେ ଗତ ସାଧାରଣତନ୍ତ୍ର ଦିବସରେ ସେ ବିଭାଗୀୟ ମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇଥିଲେ। ଏବେ ଜଗତ୍‌ସିଂହପୁର, କଟକ ଓ କେନ୍ଦ୍ରାପଡ଼ା ଜିଲାର ୨୦୦ରୁ ଅଧିକ ଛତୁଚାଷୀ ତାଙ୍କଠାରୁ ବିହନ କ୍ରୟ କରୁଥିବା ବେଳେ ସେ ପ୍ରତ୍ୟହ ୨-୩ କୁଇଣ୍ଟାଲ ଛତୁ ଉତ୍ପାଦନ କରି ବ୍ୟବସାୟ କରିବାକୁ ସମର୍ଥ ହୋଇଛନ୍ତି। ପାଖାପାଖି ୧ ଏକର ଜମିରେ ସେ ଛତୁଚାଷ କରିଥିବା ବେଳେ ଏହାଦ୍ୱାରା ୬ଟି ପରିବାର ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

ଏ ସମ୍ପର୍କରେ ରାଜୀବ କୁହନ୍ତି, ୨୦୦୨ରେ ତାଙ୍କର ଯୁକ୍ତ ୨ ପରୀକ୍ଷା ସରିଥାଏ। ସେହି ସମୟରେ ତାଙ୍କ କକେଇଙ୍କର ଜଣେ ବନ୍ଧୁ ଛତୁଚାଷ କରି କୌଣସି କାରଣରୁ ବନ୍ଦ କରିଦେବାରୁ ସେହି ସ୍ଥାନରେ ତାଙ୍କୁ ଚାଷ କରିବାକୁ ସୁଯୋଗ ମିଳିଥିଲା। କିନ୍ତୁ ସେଠାରେ ସେ ବିଫଳ ହୋଇଥିଲେ। ପରିବାରର ଆର୍ଥିକ ସ୍ଥିତି ବହୁତ ଖରାପ ଥିବାରୁ ଅନେକ ସମୟରେ ତାଙ୍କୁ ଉପବାସ ରହିବାକୁ ପଡୁଥିଲା। ତା'ପରେ ଓୟୁଏଟିରେ ଛତୁଚାଷ ଓ ମଞ୍ଜି ଉତ୍ପାଦନ ଉପରେ ତାଲିମ ନେଇ ୟୁନିଟ୍-୮ରେ ଅନ୍ୟ ଏକ ଭଡା ଜମିରେ ଛାତୁଚାଷ କରିଥିଲେ। ସେଠାରେ ବିଫଳ ହେବାରୁ ଗାଁକୁ ଚାଲିଯାଇଥିଲେ। ଗାଁରେ ୨୦୦୪ରେ ଛତୁଚାଷ ଆରମ୍ଭ କରିଥିଲେ। ଦିନକୁ ୧୦ଟି ବେଡ୍ ଚାଷ କରୁଥିଲେ। ଏହି ବିହନ ନିଜେ ପ୍ରସ୍ତୁତ କରୁଥିବାରୁ ତାଙ୍କୁ ବିଶେଷ ସମସ୍ୟା ହେଉ ନ ଥିଲା। ତେବେ ଯାହା ଉତ୍ପାଦନ ହେଉଥିଲା ତାହା ସାଇକେଲରେ ଧରି ଜଗତ୍‌ସିଂହପୁର ସହର ଯାଉଥିଲେ। ଯେହେତୁ ସେତେବେଳେ ଜଗତ୍‌ସିଂହପୁରରେ ଛତୁ ବ୍ୟବସାୟର ଚାହିଦା ନ ଥିଲା ତେଣୁ ଯାହା ବଳୁଥିଲା ଗାଁଗାଁରେ ବୁଲି ବିକ୍ରି କରୁଥିଲେ। ସେଥିରୁ ୪୦ରୁ ୫୦ ଟଙ୍କା ଲାଭ ବାହାରୁଥିଲା। ପରିବାର ଲୋକେ ପୂର୍ଣ୍ଣ ସହଯୋଗ କରୁଥିବାରୁ ୨୦୦୬ରେ ଚାଷ ବଢାଇବା ପାଇଁ ଉଦ୍ୟମ କରିଥିଲେ। ଏବେ ପାଖାପାଖି ୧ ଏକର ଜମିରେ ଛତୁଚାଷ ଓ ବିହନ ଉତ୍ପାଦନ ହେଉଛି। ୨ଟି ଛାୟାଗୃହ କରିଛନ୍ତି। ଜିଲା ଉଦ୍ୟାନ ବିଭାଗ ସହାୟତାରେ ଛତୁ ବିହନ କରିବା ପାଇଁ ୟୁନିଟ୍ ଯୋଗାଯାଇଛି। ବର୍ତ୍ତମାନ ରାଜୀବ ପ୍ରତ୍ୟହ ୭୦୦ରୁ ୧,୦୦୦ ବୋତଲ ଛତୁ ବିହନ ଉତ୍ପାଦନ କରୁଛନ୍ତି। ସେହିପରି ପ୍ରତ୍ୟହ ୩୦ରୁ ୩୫ ବେଡ୍ ଛତୁ ଉତ୍ପାଦନ କରୁଛନ୍ତି ବୋଲି ରାଜୀବ କହିଛନ୍ତି।



# ବାଲିକୁଦାରେ ଡକାୟତି ଘଟଣା: ୩ କୋର୍ଟ ଚାଲାଣ

**ବାଲିକୁଦା, ୨୭।୨ (ସ୍ୱ.ପ୍ର.)**

ବାଲିକୁଦା ବଜାରର ନନ୍ଦୀ ଆଣ୍ଡ ବ୍ରଦର୍ସ ଲୁଗା ଦୋକାନରୁ ହୋଇଥିବା ଡକାୟତି ଘଟଣାରେ ପୋଲିସ ୩ ଡକାୟତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସମୀର ଦଳେଇ(୩୨), ଗିରିଜା ପ୍ରସାଦ ସାହୁ(୩୨) ଓ ଶିବ ନାୟକ(୨୮)। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ଅଟକ ଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଛାଡ଼ି ଦେଇଥିବା ଜଣାପଡ଼ିଛି। ୩ ଜଣ କୋର୍ଟ ଚାଲାଣ ହୋଇଥିବା ବେଳେ ସେମାନେ ଲୁଟ୍ କରିଥିବା ସାମଗ୍ରୀ କିମ୍ବା ଡକାୟତି ସମୟରେ ବ୍ୟବହୃତ ବନ୍ଧୁକ ଓ ଭୁଜାଲି ପୋଲିସ ଜବତ କରିପାରିନାହିଁ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି। ଏ ନେଇ ୩୭/୨୦ ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଦିନ ଦ୍ୱିପ୍ରହରରେ ଅପରାଧୀମାନେ ମାରଣାସ୍ତ୍ର ଧରି ବୁଲିବା ସହ ଆତଙ୍କରାଜ ଚଳାଉଥିବା ବେଳେ ବାଲିକୁଦା ବଜାର ଅଞ୍ଚଳର ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ସ୍କୁଲ ପରିସରରେ ଗଛଡାଳ ପଡ଼ି ଛାତ୍ରୀ ଗୁରୁତର

**ତିର୍ତ୍ତୋଲ, ୨୭।୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅଧୀନ ପିପ୍ପଳମାଧବ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଗଛର ଡାଳ ଗୁରୁବାର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ଉପରେ ଖସିପଡ଼ିବା ଯୋଗୁ ସେ ଗୁରୁତର ହୋଇଛନ୍ତି। ସେ ହେଲେ ପିପ୍ପଳମାଧବ ଗ୍ରାମର ପ୍ରଶାନ୍ତ ଓଝାଙ୍କ ଝିଅ ରତୁପ୍ରଜ୍ଞା। ରତୁପ୍ରଜ୍ଞା ପୂର୍ବାହ୍ନରେ ସ୍କୁଲକୁ ଯାଇଥିବା ବେଳେ ଗଛର ଡାଳ ତାଙ୍କ ଉପରେ ଖସି ପଡ଼ିଥିଲା। ସେ ଡାଳ ତଳେ ଚାପି ହୋଇ ରହିଯାଇଥିବା ବେଳେ ତାଙ୍କର ଡାହାଣ ହାତ ଭାଙ୍ଗି ଯିବା ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସ୍ଥାନୀୟ ଜଣେ ଯୁବକ ରତୁପ୍ରଜ୍ଞାଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଖବରପାଇ ପରିବାର ଲୋକେ ମେଡିକାଲରେ ପହଞ୍ଚିବା ପରେ ଅଧିକ ଚିକିତ୍ସା ପାଇଁ ରତୁପ୍ରଜ୍ଞାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସ୍କୁଲ ଚାଲିଥିବା ବେଳେ ହତା ଭିତରେ ଏଭଳି ଦୁର୍ଘଟଣା ଘଟିଥିବାରୁ ଶିକ୍ଷୟିତ୍ରୀଶିକ୍ଷକ ରତୁପ୍ରଜ୍ଞାଙ୍କୁ ମେଡିକାଲକୁ ନେଇ ନ ଥିବା ତାଙ୍କ ବାପା ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ କିଶୋର ଭୂୟାଁଙ୍କୁ ପଚାରିବାରେ ସେ ଘଟଣା ସମ୍ପର୍କରେ ଜାଣିବା ପରେ ସିଆର୍‌ସିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ ଅନୁଧ୍ୟାନ କରାଯାଇ ସରକାରୀ ନିୟମ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ୫ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**ବାଲିକୁଦା, ୨୭।୨ (ସ୍ୱ.ପ୍ର.)**

ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଞ୍ଚଳର ଜଣେ ୫ମ ଶ୍ରେଣୀ ଛାତ୍ରୀଙ୍କୁ ବରଦିଆ ଗ୍ରାମର ଜଣେ ଯୁବକ ଅସଦାଚରଣ କରିଥିବା ନେଇ ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତା ଛାତ୍ରୀଙ୍କର ଡାକ୍ତରୀ ପରୀକ୍ଷା କରାଯିବା ସହ ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ କରାଯାଇଛି। ଏ ନେଇ ଥାନାରେ ନଂ. ୩୬/୨୦ରେ ମାମଲା ରୁଜୁ ହୋଇଛି। ହେଲେ ଅଭିଯୁକ୍ତ ଜଣକ ସ୍ଥାନୀୟ ଅଞ୍ଚଳରେ ବୁଲୁଥିଲେ ବି ପୋଲିସ ତାଙ୍କୁ ଗିରଫ କରିପାରିନାହିଁ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାଲିକୁଦା, ୨୭।୨ (ସ୍ୱ.ପ୍ର.)**

ବାଲିକୁଦା ଜୁନିୟର ମହିଳା ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶିକ୍ଷାବିତ୍ ଜଗତପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିକୁଦା ମହିଳା ଡିଗ୍ରୀ କଲେଜ ଅଧ୍ୟକ୍ଷା ତନୁଜାବାଳା କାନୁନ୍‌ଗୋ ଯୋଗଦେଇ ଶୃଙ୍ଖଳିତ ଜୀବନ ଯାପନ କଲେ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉକ୍ତ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପିକା ନିଳିମା ସାହୁ ଯୋଗଦେଇଥିଲେ। ଇଂଲିଶ୍ ଅଧ୍ୟାପକ ସୌଗତ କୁମାର ସାହୁ ଆତ୍ମରକ୍ଷା ପ୍ରଶିକ୍ଷଣ ଉପକାରିତା ଓ ଏହାର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଭାବେ ପୂଜା ସ୍ୱାଇଁ, ଭାଗ୍ୟଶ୍ରୀ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଉପଭୋକ୍ତା ଶୁଣାଣି ଶିବିରରେ ୭୦ କେସ୍‌ର ସମାଧାନ



ଅଭିଯୋଗ ଶୁଣାଣି ଶିବିରରେ ବିଦ୍ୟୁତ୍ କର୍ମଚାରୀ ଓ ଉପଭୋକ୍ତାମାନେ।

**ରଘୁନାଥପୁର, ୨୭। ୨ (ଡି.ଏନ.ଏ.)**

ଓଡ଼ିଶା ରେଗୁଲେଟାରି କମିଶନ (ଓଇଆର୍‌ସି) ପକ୍ଷରୁ ରଘୁନାଥପୁର ଓ ବିରିଡି ସେସୁ ବିଭାଗ ଅଧୀନରେ ଥିବା ବିଦ୍ୟୁତ୍ ଉପଭୋକ୍ତା ଶୁଣାଣି ଶିବିର ବିରିଡି ବ୍ଲକ ଅନ୍ତର୍ଗତ ପଣ୍ଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦କେସ୍ ଆବେଦନ ହୋଇଥିବାବେଳେ ୭୦ ପୁରୁଣା କେସ୍‌ର ସମାଧାନ କରାଯାଇଛି। ପାରାଦୀପ ଜିଆର୍‌ଏଫ ପ୍ରେସିଡେଣ୍ଟ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ଉପସ୍ଥିତ ରହି ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମେମ୍ବର ବାବୁରାମ ସେଠୀ ଓ ଅବନ୍ତି ବେହେରା ଆସିଷ୍ଟାଣ୍ଟ ମ୍ୟାନେଜର ଫାଇନାନ୍ସ ସୁଧୀର କୁମାର ସାହୁ, ଏନଜେନ୍ ମ୍ୟାନେଜର ଜ୍ଞାନ ପ୍ରକାଶ ସାହୁ ଓ ଦୁଇଟି ବ୍ଲକ ସେସୁ ବିଭାଗ ଦାୟିତ୍ୱରେ ଥିବା ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରୀ ଓ ଏନ୍‌ଜେନ ଏସ୍‌ଡିଓ ରାଜେଶ କୁମାର ସାହୁ ଉପସ୍ଥିତ ରହି ଏଥିରେ ସହାୟତା କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଉପଭୋକ୍ତାଙ୍କ ଅଭିଯୋଗଗୁଡିକର ଶୁଣାଣି ହେଉଥିବା ବେଳେ ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହୋଇ କେସ୍‌ଗୁଡିକର ବିଚାର କରାଯିବ। ଆସନ୍ତା ମାର୍ଚ୍ଚରେ ରଘୁନାଥପୁର ଅଞ୍ଚଳରେ ଏକ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଏସ୍‌ଡିଓ ଦେହୁରୀ ସୂଚନା ଦେଇଛନ୍ତି। ଶିବିରରେ ଅଶୋକ କୁମାର ଜେନା ନାମକ ରୋଗାକ୍ରାନ୍ତ ବୟସ୍କ ବ୍ୟକ୍ତିଙ୍କୁ ଦେଖି ଜିଆରଏଫ ପ୍ରେସିଡେଣ୍ଟ ପଟ୍ଟନାୟକ ତୁରନ୍ତ ତାଙ୍କୁ ଡାକି ମାମଲାର ସମାଧାନ କରିଥିଲେ। ଏହାଛଡା ଶିବିରରେ ମହିଳା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯାଉଥିବା ଲକ୍ଷ୍ୟ କରାଯାଇଥିଲା।

## ଜିମ୍ ମାଲିକଙ୍କୁ ଆକ୍ରମଣ

**ତିର୍ତ୍ତୋଲ, ୨୭।୨ (ଡି.ଏନ୍.ଏ.)**

ତିର୍ତ୍ତୋଲ ଥାନା ଅଧୀନ ସରଣୀ ବଜାରରେ ଥିବା ଏକ ଜିମ୍‌ର ମାଲିକ ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ଗୁରୁବାର ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିବା ସହ ଜିମ୍ ଭିତରେ ପଶି ବିଭିନ୍ନ ଉପକରଣ ଭଙ୍ଗାରୁଜା କରିଛନ୍ତି। ଆକ୍ରମଣରେ ସୌମ୍ୟରଞ୍ଜନଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଆକ୍ରମଣ ପରେ ଅଭିଯୁକ୍ତଙ୍କୁ ଧରିବା ଦାବିରେ ସ୍ଥାନୀୟ ଲୋକେ କଟକ-ପାରାଦୀପ ରାସ୍ତା ଅବରୋଧ କରିଥିଲେ। ଖବରପାଇ ତିର୍ତ୍ତୋଲ ଥାନା ଆଇଆଇସି କୃଷ୍ଣପ୍ରସାଦ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଆହତ ସୌମ୍ୟରଞ୍ଜନଙ୍କୁ ମଣିଜଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଥାନାରେ ଅଭିଯୋଗ ହେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। ପୂର୍ବ ବିବାଦକୁ କେନ୍ଦ୍ର କରି ଆକ୍ରମଣ କରାଯାଇଥିବା ଆଲୋଚନା ହେଉଛି।

## ଅଳକା ମହାବିଦ୍ୟାଳୟରେ ରହିବ ପ୍ରଶ୍ନପତ୍ର

**ବାଲିଆ, ୨୭।୨**

### ମାର୍ଚ୍ଚ ୩ରୁ ଯୁକ୍ତ ୨ ପରୀକ୍ଷା



ଆସନ୍ତା ମାର୍ଚ୍ଚ ୩ ତାରିଖରୁ ଚଳିତବର୍ଷ ଯୁକ୍ତ ୨ ଶେଷ ବର୍ଷ ପିଲାଙ୍କ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ବିରିଡି ବ୍ଲକସ୍ଥିତ ଅଳକା ମହାବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷା ପାଇଁ ସମସ୍ତ ବିଭାଗର ପ୍ରଶ୍ନପତ୍ର ଉକ୍ତ କଲେଜରେ ରହିବ। ଏହି ସେଣ୍ଟରକୁ ଜଗିବା ପାଇଁ ପୋଲିସ ଫୋର୍ସ ବ୍ୟବସ୍ଥା କରାଯାଇଥିବା ବେଳେ ସିସିଟିଭି କ୍ୟାମେରା ଲଗାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟ ଏହାର ମୁଖ୍ୟପରିଚାଳକ ରହିଥିବା ବେଳେ ରୁଦ୍ର ନାରାୟଣ ମହାନ୍ତି ସହଯୋଗୀ ପରିଚାଳକ ଭାବେ ଏହି ନୋଡାଲ ସେଣ୍ଟର ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। ପରୀକ୍ଷା ଦିନ ସକାଳ ୭ଟାରେ କଡ଼ା ସୁରକ୍ଷା ମଧ୍ୟରେ ନୋଡାଲ ସେଣ୍ଟରରୁ ୨୨ ମୌଜାର ପୂରଣ ମହାବିଦ୍ୟାଳୟ, ହାଜିପୁର ଧ୍ୟାନଚନ୍ଦ୍ର ମହାବିଦ୍ୟାଳୟ, ଓ ତରିକୁନ୍ଦର ନବକୃଷ୍ଣ ଚୌଧୁରୀ ମହାବିଦ୍ୟାଳୟକୁ ପ୍ରଶ୍ନପତ୍ର ପଠାଯିବ ବୋଲି ଅଧ୍ୟକ୍ଷ ରାୟ ସୂଚନା ଦେଇଛନ୍ତି। ଚଳିତ ବର୍ଷ ପରିକ୍ଷାରେ ଅଳକା ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ୧୧୫ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ କଳାରେ ୨୪୧ ଓ ବାଣିଜ୍ୟରେ ୩୯ ଛାତ୍ରୀଛାତ୍ର ପରିକ୍ଷା ଦେବେ। ପୂରଣ କଲେଜରେ ବିଜ୍ଞାନ ବିଭାଗରେ ୩୨, କଳାରେ ୮୩ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ହାଜିପୁର ଧ୍ୟାନଚନ୍ଦ୍ର ମହାବିଦ୍ୟାଳୟରେ ୯୨ ଛାତ୍ରୀଛାତ୍ର କଳା ବିଭାଗରେ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ସମସ୍ତ କଲେଜରେ କପି ରୋକିବା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ପରୀକ୍ଷା ସକାଳ ୧୦ ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ଶେଷ ହେବ।

# ମହାନଦୀ ମୁହାଣ ଖନନ କାମ ଶେଷ

### ଉପକୃତ ହେବେ ୫୦ ହଜାର ମତ୍ସ୍ୟଜୀବୀ

**ପାରାଦୀପ, ୨୭।୨ (ସ୍ୱ.ପ୍ର.)**



ମହାନଦୀ ମୁହାଣ ଖନନ କାର୍ଯ୍ୟ ଶେଷ ହେବା ନେଇ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ସୂଚନା ଦେଉଛନ୍ତି।

ଦୀର୍ଘ ୨୦ବର୍ଷ ହେଲା ପାରାଦୀପ ମାଛଧରା ବନ୍ଦରର ଦୁଃଖ କୁହାଯାଉଥିବା ମହାନଦୀ ମୁହାଣ ଖନନ ପ୍ରସଙ୍ଗ ଗୁରୁବାର ସମାଧାନ ହୋଇଛି। ସେହି ମୁହାଣ ଅଞ୍ଚଳରେ ଚାଲିଥିବା ଖନନ କାମ ଶେଷ ହୋଇଛି। ଏବେ ସେହି ମୁହାଣ ଅଞ୍ଚଳରେ ମାଛଧରା ଟ୍ରଲର/ଡଙ୍ଗାଗୁଡ଼ିକ ସୁବିଧାରେ ଯାତାୟାତ କରିପାରିବେ। ଏ ନେଇ ବନ୍ଦର ଅଧ୍ୟକ୍ଷ ତଥା ଡିସିଆଇ (ଡ୍ରେଜିଂ କର୍ପୋରେଶନ ଅଫ୍ ଇଣ୍ଡିଆ) ସିଏମ୍‌ଡି ରିଙ୍କେଶ ରାୟ ସୂଚନା ଦେଇଛନ୍ତି। ମୁହାଣଠାରୁ ମାଛଧରା ବନ୍ଦର ପର୍ଯ୍ୟନ୍ତ ୧୦୦ ମିଟର ଜଳପଥକୁ ଖନନ କରାଯାଇଛି। ଏହି ଖନନ କାମ ଗତ ଜାନୁୟାରୀ ୨ରୁ ଡିସିଆଇ ଆରମ୍ଭ କରିଥିଲା। ସୂଚନାଥାଉ କି, ୧୯୯୮ରେ ମହାନଦୀ ମୁହାଣ ଖନନ କରାଯାଇ ୧୩ ମିଟର ଗଭୀର କରାଯାଇଥିଲା। ତା'ପରଠାରୁ ଆଉ ଖନନ କାମ ହୋଇ ନଥିବା ବେଳେ ୨୦୧୧ରେ ପାରାଦୀପ ମାଛଧରା ବନ୍ଦରକୁ ରାଜ୍ୟ ସରକାର ହାତକୁ ନେଇଥିଲେ। ଏହା ପରେ ମତ୍ସ୍ୟଶିଳ୍ପର ପରିଚାଳନା ପାଇଁ ସରକାରୀସ୍ତରରେ ଏକ ପରିଚାଳନା କମିଟି ଗଠନ କରାଯାଇଛି। କିନ୍ତୁ ସମୟକ୍ରମେ ମୁହାଣ ଅଞ୍ଚଳ ପୋତି ହେବା ଯୋଗୁ ସ୍ଥିତି ବିଗିଡ଼ି ଯାଇଥିଲା। ଛାଡ଼ ସମୟରେ ମାତ୍ର ୪ ଫୁଟ୍ ପାଣି ରହୁଥିଲା। ସମୁଦ୍ର ଅଶାନ୍ତ ସମୟ (ମେ'ରୁ ନଭେମ୍ବର)ରେ ପ୍ରତିବର୍ଷ ମୁହାଣ ଅଞ୍ଚଳରେ ଦୁର୍ଘଟଣା ଘଟୁଥିଲା। ଏମିତିକି ଗତ ୧୦ ବର୍ଷରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଟ୍ରଲର, ଡଙ୍ଗା ମୁହାଣରେ ବୁଡ଼ିଯାଇଛି। ୨୨ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀଙ୍କ ନିଖୋଜ/ମୃତ୍ୟୁ ଘଟିଛି। ତେବେ ମହାନଦୀ ମୁହାଣ ଖନନ ପାଇଁ ୨୦୧୭ରେ ମତ୍ସ୍ୟଜୀବୀଙ୍କ ଅନୁରୋଧକ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତତ୍କାଳୀନ ଜାହାଜ ଚଳାଚଳ ମନ୍ତ୍ରୀ ନୀତୀନ ଗଡକରୀଙ୍କୁ ଚିଠି ଲେଖିଥିଲେ। କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟରୁ ସ୍ୱୀକୃତି ମିଳିବା ପରେ ପାରାଦୀପ ପୋର୍ଟ ଟ୍ରଷ୍ଟ ମୁହାଣକୁ ଖୋଳିବା ପାଇଁ ସମ୍ମତି ଜଣାଇଥିଲେ। ଗତବର୍ଷ ବନ୍ଦର କର୍ତ୍ତୃପକ୍ଷ ପ୍ରାୟ ୧୫ କୋଟି ଟଙ୍କା ସିଏସ୍‌ଆର ମାଧ୍ୟମରେ ଖୋଳିବା ପାଇଁ ଟେଣ୍ଡର କରିଥିଲେ। ଚେନ୍ନାଇର ଏକ ଘରୋଇ ଖନନକାରୀ ସଂସ୍ଥା ଉକ୍ତ କାମ କରିବା ପାଇଁ ଅଗ୍ରାଧିକାର ପାଇବା ସହ କାମ ଆରମ୍ଭ କରିଥିଲା, କିନ୍ତୁ ମୁହାଣ ଅଞ୍ଚଳରେ କରେଣ୍ଟ (ଅନ୍ତଃସ୍ରୋତ) ଅଧିକ ହେବାରୁ ଉକ୍ତ ସଂସ୍ଥା ବିଫଳ ହୋଇ ଫେରିଥିଲା। ଶେଷରେ ଡିସିଆଇକୁ ଏହି କାମ ଦିଆଯାଇଥିଲା। ଯାହାକୁ ଡିସିଆଇ ଗୁରୁବାର ଶେଷ କରିଛି। ଏଥିସହ ପାରାଦୀପ ପୋର୍ଟ ସିଏସ୍‌ଆର ଖର୍ଚ୍ଚରେ ମତ୍ସ୍ୟଜୀବୀଙ୍କ ଯାତାୟାତ ନିମନ୍ତେ ଉଦ୍ଦିଷ୍ଟ ଅଠରବାଙ୍କି-ନେହେରୁ ବଙ୍ଗଳା ରାସ୍ତାକୁ କଂକ୍ରିଟ୍ କରିବା, ରାସ୍ତାରେ ଆଲୋକୀକରଣ ଆଦି ବୃହତ୍ କାମ କରିଛି ବୋଲି ଅଧ୍ୟକ୍ଷ ରାୟ ସୂଚନା ଦେଇଛନ୍ତି। ପାରାଦୀପ ପୋର୍ଟ ଏହି କାମ କରିଥିବାରୁ ତାଙ୍କୁ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ସଭାପତି ସୁମନ୍ତ କୁମାର ବିଶ୍ୱାଳ କୃତଜ୍ଞତା ଜଣାଇଥିଲେ। ମାଛଧରା ବନ୍ଦର ପରିସରରେ ଏହି ଘୋଷଣା ବେଳେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ହାରବର ମାଷ୍ଟର ଅଲେଖ ଚରଣ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟ ଓ ଓମ୍ପାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଆନ୍ଦୋଳନ ପାଇଁ ପ୍ରସ୍ତୁତ ଚାଷୀ

**ରଣପୁର,୨୭।୨(ସ୍ୱ.ପ୍ର.)**-ଚାଷୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହେଉଛି । ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏକ ବୈଠକ ନରେନ୍ଦ୍ରପୁର କଙ୍କାଳଦେବୀଙ୍କ ପୀଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଚାଷୀ ମଣ୍ଡିରେ ଧାନ ବିକ୍ରି କରି ପାରୁ ନାହିଁ । ମଣ୍ଡିକୁ ଧାନ ଆଣିଲେ ନାହିଁ ନଥିବା ହଇରାଣ ହେଉଛି । ଅନେକ ଚାଷି ଏଯାବତ ଟୋକନ ପାଇ ନାହାନ୍ତି। ପୁଣି କାଳିଆ ଯୋଜନାରେ ପ୍ରକୃତ ଚାଷୀଙ୍କୁ ମଧ ଅଣଦେଖା କରି ରଖାଯାଇଛି । ଚାଷୀଙ୍କର ବିଭିନ୍ନ ସମସ୍ୟା ରହିଥିଲେ ମଧ ସରକାର ଅଣଦେଖା କରି ଚାଲିଛନ୍ତି। ଏହି ଅବସରରେ ଚାଷୀ ଆନ୍ଦୋଳନର ରୂପରେଖ ସମ୍ପର୍କରେ ଏକ ବୈଠକ ଖୋର୍ଦ୍ଧା ଜିଲାର ବରୁଣେଇ ଠାରେ ମାର୍ଚ୍ଚ ୧ରେ ଅନୁଷ୍ଠିତ ହେବ । ଏଥିରେ ନୟାଗଡ ଜିଲାର ଚାଷୀମାନେ ଭାଗ ନେବାକୁ ଅନୁରୋଧ କରାଯାଇଛି । ନୟାଗଡ ଜିଲା ସଂଯୋଜକ ମହେଶ୍ୱର ଜେନା, ବ୍ଲକ ସଂଯୋଜକ ପ୍ରଦୀପ୍ତ ବେହେରା, ଜୋନ ସଂଯୋଜକ ନବ କିଶୋର ସାହୁ, ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂ ଯୋଗ ଦେଇଥିଲେ।

## ଡିମିଶରରେ ରକ୍ତଦାନ ଶିବର

**ନୟାଗଡ ଅଫିସ,୨୭।୨:** ଗୋଡିପଡା ନିକଟସ୍ଥ ଡିମିଶର ଅଙ୍ଗନୱାଡି କେନ୍ଦ୍ର ୧ରେ ଗାଁ କଲ୍ୟାଣ ସମିତିର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱାସ ଅଭିଯାନ ଓ ଡିମିଶର ଗ୍ରାମସଭା ତରଫରୁ ଆୟୋଜିତ ଶିବରରେ ୧୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଅଙ୍ଗନୱାଡି କର୍ମୀ ନମିତା ସାହୁଙ୍କ ସମେତ ସାମାଜିକ କର୍ମୀ ଦାମୋଦର ଦାସ, ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ପ୍ରଧାନ ଯୋଗଦେଇ ରକ୍ତଦାନ ଉପରେ ଟିପ୍ପଣୀ ଦେଇଥିଲେ।

## ବାଇକ୍ ଚୋରି ଅଭିଯୋଗ

**ଛତ୍ରପୁର,୨୭।୨(ଡି.ଏନ.ଏ):** ଛତ୍ରପୁରସ୍ଥିତ ଆର୍‌ଟିଓ ଅଫିସ ସମ୍ମୁଖ ପାର୍କିଂସ୍ଥଳରୁ ଗୁରୁବାର ଅପରାହ୍ଣରେ ଏକ ବାଇକ୍ ଚୋରି ହୋଇଛି । ଏ ନେଇ ବାଇକ ମାଲିକ ବ୍ରହ୍ମପୁର ସଦର ଥାନା ଅଧୀନ ଆଙ୍କୁଶପୁରର ଡି. କାଳିଆ ରାଓ ଛତ୍ରପୁର ଥାନାରେ ଏତଲା ଦେଇଛନ୍ତି। ଆର୍‌ଟିଓ ଅଫିସ ସମ୍ମୁଖ ପାର୍କିଂରେ କାଳିଆ ତାଙ୍କ ବାଇକ୍ (ନଂ.ଓଡି୦୭ଟି ୭୩୧) ରଖି ଡ୍ରାଇଭିଂ ଲାଇସେନ୍ସ ପାଇଁ ଧାଡ଼ିରେ ଠିଆ ହୋଇଥିଲେ । କିଛି ସମୟ ପରେ ଆସି ପାର୍କିଂରେ ବାଇକ୍ ନ ଥିବା ସେ ଦେଖିଥିଲେ।

## ବନ୍ଦ କୋଠରିରୁ ମହିଳାଙ୍କ ପୋଡ଼ା ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୭।୨**- ବ୍ରହ୍ମପୁର ସଦର ଥାନା ପୋଲିସ ଗୁରୁବାର ଲୋଚାପଡା ମିଲ ସାହିରେ ରହୁଥିବା ଜଣେ ମହିଳାଙ୍କ ଦରପୋଡା ମୃତଦେହ ଏକ ବନ୍ଦ କୋଠରିରୁ ଜବତ କରିଛି। ମୃତ ମହିଳା ଜଣଙ୍କ କେ.ରଞ୍ଜିତା ପାତ୍ର (୪୦) । ଘଟଣାସ୍ଥଳରୁ ପୋଲିସ ଏକ କିରୋସିନ ବୋତଲ ଜବତ କରିଛି। ସେହିପରି ସାଇଣ୍ଟିଫିକ ଟିମ୍ ଉକ୍ତ କୋଠରିରୁ ମହିଳାଙ୍କ ଦରପୋଡା ଚୁଟି, ପୋଡିଯାଇଥିବା ଲୁଗାର କେତେକ ଅଂଶ ଜବତ କରିଛି। ପୋଲିସ ଏବେ ଘଟଣାର ଅନୁସନ୍ଧାନ ଜାରି ରଖିଛି। ଅନ୍ୟପଟେ ମୃତଦେହ ଜବତ କରି ନଂ. ୬/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ରଞ୍ଜିତାଙ୍କୁ ତାଙ୍କ ସ୍ୱାମୀ କେ.ବାଲା ପାତ୍ର ଗତ କିଛି ବର୍ଷ ତଳେ ଛାଡ଼ିଦେଇ ଅନ୍ୟତ୍ର ବିବାହ କରି ରହୁଛନ୍ତି। ରଞ୍ଜିତା ତାଙ୍କ ପୁଅ କେ.ଶିବା ପାତ୍ର (୧୪) ଓ ଝିଅ କେ.ରଶ୍ମିତା ପାତ୍ର (୮)ଙ୍କୁ ଧରି ଲୋଚାପଡାରେ ରହୁଥିଲେ। ବୁଧବାର ସେ ତାଙ୍କ ପିଲାଙ୍କୁ ଧରି ଲାଞ୍ଜିପଲ୍ଲୀରେ ଥିବା ଭାଇଘର ଏକ ଭୋଜିରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସେ ଏକା ଘରକୁ ଫେରିଥିଲେ। ଶିବା ଓ ରଶ୍ମିତା ତାଙ୍କ ଅଜା ଏ.ଲକ୍ଷ୍ମଣ ପାତ୍ରଙ୍କ ସହ ଜଗଦଳପୁର ଗ୍ରାମକୁ ଚାଲି ଯାଇଥିଲେ। ଗୁରୁବାର ପୂର୍ବାହ୍ଣରେ ଲକ୍ଷ୍ମଣ ନାତି ଓ ନାତୁଣୀଙ୍କୁ ଧରି ଝିଅ ଘରକୁ ଆସିଥିଲେ। ଘରର କବାଟ ଖୋଲାଥିବା ଦେଖି ତାଙ୍କର ସନ୍ଦେହ ହୋଇଥିଲା। ସେ ଘର ଭିତରକୁ ଯାଇ ଦେଖିବା ବେଳେ ଏକ ବନ୍ଦ କୋଠରିରେ ତାଙ୍କ ଝିଅ ରଞ୍ଜିତା ପୋଡି ହୋଇ ମରି ପଡିଥିଲେ। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀ ଛାଡି ଚାଲିଯିବା ପରଠାରୁ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ରଞ୍ଜିତା ଏଭଳି ଭାବେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# ଆଚାର୍ଯ୍ୟ ହରିହରଙ୍କ ପ୍ରତି ଅସମ୍ମାନ

**ପୁରୀ ଅଫିସ,୨୭।୨**



ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ଏଥିଲାଗି ଏକାଧିକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସେହିପରି ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କ ନିମନ୍ତେ ଏକାଧିକ ସୁବିଧା ସୁଯୋଗ କରାଯାଇଥିବାବେଳେ ଆଉ କେତେକ କାମ ଜାରି ରହିଛି। ତେବେ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ପ୍ରତି ଅସମ୍ମାନ କରାଯାଉଥିବା ଅଭିଯୋଗ ହେଉଛି। ବୁଦ୍ଧିଜୀବୀମାନେ ଏଭଳି ଅଭିଯୋଗ ବାଢିବା ସହ ପୂଜ୍ୟପୂଜାଙ୍କୁ ଉପଯୁକ୍ତ ସମ୍ମାନ ଦେବା ଦରକାର ବୋଲି ମତ ରଖିଛନ୍ତି। ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ ହୋଇଛି। କିନ୍ତୁ ଦୀର୍ଘ ଅଢେଇ ବର୍ଷ ହେଲାଣି ଆଚାର୍ଯ୍ୟଙ୍କ ପ୍ରତି ଅସମ୍ମାନ କରାଯାଉଛି। ଏକ କୋଣିଆ ଜାଗାରେ ଏହି ମହାନ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପରେ ପ୍ରଶାସନ ତାଙ୍କୁ ଭୁଲିଯାଇଛି। ଆଲୋକୀକରଣ ବ୍ୟବସ୍ଥା କରିପାରି ନାହିଁ। ସଞ୍ଜ ନଇଁଲେ ଅନ୍ଧାରରେ ରହୁଛନ୍ତି ଆଚାର୍ଯ୍ୟ ହରିହର।

ଓଡ଼ିଶାର ମହାନ ବରପୁତ୍ର ଆଚାର୍ଯ୍ୟ ହରିହର ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷକ, ଲେଖକ ଓ ସମାଜସେବୀ। ସତ୍ୟବାଦୀ ବନ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା। ପୁରୀ ସହରର ସଦ୍‌ଭାବନା ଗୃହ ନିକଟରେ ତାଙ୍କ ପ୍ରତିମୂର୍ତ୍ତି ରହିଥିବାବେଳେ ଆଲୋକ ବ୍ୟବସ୍ଥା ନାହିଁ। ବର୍ଷତମାମ୍ ଅନ୍ଧାରରେ କୋଣଠେସା ହୋଇ ରହିଛନ୍ତି। ପ୍ରଶାସନ ପକ୍ଷରୁ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ କରାଯାଉଛି ହେଲେ ତାଙ୍କ ପ୍ରତି ଥିବା କର୍ତ୍ତବ୍ୟ ଭୁଲିଯାଉଛି ବୋଲି ଅଭିଯୋଗ କରିଛନ୍ତି ସହରର ଅନେକ ବୁଦ୍ଧିଜୀବୀ। ପୂର୍ବରୁ ଆଚାର୍ଯ୍ୟ ହରିହର ଛକରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ରହିଥିଲା। ହେଲେ ସୌନ୍ଦର୍ଯ୍ୟକରଣ ପାଇଁ ତାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରିବା ଲାଗି ନିଷ୍ପତ୍ତି ନେଇଥିଲା ଜିଲା ପ୍ରଶାସନ। ଏହାକୁ ସେତେବେଳେ ସହରର ବହୁ ବୁଦ୍ଧିଜୀବୀ ବିରୋଧ କରିଥିଲେ । ହେଲେ ପ୍ରଶାସନ ଏହା ନ ଶୁଣି ୨୦୧୭ ଜୁନ୍ ୨୪ରେ ସଦ୍‌ଭାବନା ଗୃହ ପାର୍ଶ୍ୱ ଏକ କୋଣିଆ ଜାଗାକୁ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରିଥିଲା। ଏହା ପରଠାରୁ ଆଚାର୍ଯ୍ୟଙ୍କ ପ୍ରତି କର୍ତ୍ତବ୍ୟ ପାସୋରି ଦେଇଛି ପ୍ରଶାସନ। ଲାଇଟ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଅନ୍ଧାରରେ ରହିଛନ୍ତି ଏହି ପୂଜ୍ୟପୂଜା। ଅନ୍ୟପକ୍ଷରେ ପୁରୀରେ ଏକ ଐତିହ୍ୟ ସଂଗ୍ରହାଳୟ କରାଯାଇ ସେଠାରେ ଓଡ଼ିଶାର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାନ ପାଇବ। ୩ଟି ଭାଷାରେ ଏହି ବରପୁତ୍ରଙ୍କ ସମ୍ପର୍କରେ ତଥ୍ୟ ରହିବ,

### ଅଢେଇ ବର୍ଷ ବିତିଲା, ପ୍ରତିମୂର୍ତ୍ତି ପାଖରେ ଲାଇଟ୍ ଲାଗିନି

ଯାହା ଉତ୍ତର ପିଢିଙ୍କୁ ପ୍ରେରଣା ଦେବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହି ନିଷ୍ପତ୍ତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ସହରର ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ଅବହେଳିତ ହୋଇ ରହିଛନ୍ତି। ଆଚାର୍ଯ୍ୟଙ୍କୁ ସ୍ଥାନାନ୍ତର କରାଯାଇ ତାଙ୍କ ସ୍ଥାନରେ ଜଳ ଫୁଆରା ତିଆରି କରାଯାଇଛି। ସବୁଠୁ ପରିତାପର ବିଷୟ ହେଉଛି ଗୁରୁବାର ଆଚାର୍ଯ୍ୟ ହରିହରଙ୍କ ୧୪୧ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ମାତ୍ର ଏକ କୋଣିଆ ଜାଗାରେ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବାରୁ ସେଠାରେ ସଭା ପାଇଁ ପର୍ଯ୍ୟାପ୍ତ ସ୍ଥାନ ନ ଥିଲା। ତେଣୁ ଗାନ୍ଧୀ ସ୍ମୃତି ପୀଠରେ ସଭା ହୋଇଥିଲା। ଏଥିରେ ସ୍ମୃତି ସଂସଦ ଏବଂ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତେ ଆଚାର୍ଯ୍ୟଙ୍କୁ ନେଇ ବଡ଼ ବଡ଼ ଭାଷଣ ବି ଦେଲେ। କିନ୍ତୁ କେହି ବି ଆଚାର୍ଯ୍ୟଙ୍କ ପ୍ରତି ହେଉଥିବା ଅବହେଳା କଥା ଉଠାଇ ନ ଥିଲେ। କେବଳ ଜୟନ୍ତୀ ଆସିଲେ ଆଚାର୍ଯ୍ୟଙ୍କୁ ମନେ ପକାଇ ତାଙ୍କ ଗୁଣଗାନ କରାଯାଉଛି ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର। ପୂଜ୍ୟପୂଜାଙ୍କୁ କେବଳ ତାଙ୍କ ଜୟନ୍ତୀ କିମ୍ବା ଶ୍ରାଦ୍ଧ ଦିବସରେ ମନେ ନ ପକାଇ ସବୁଦିନେ ସେମାନଙ୍କୁ କିପରି ସମ୍ମାନ ଦେବା ସେ ନେଇ ବ୍ୟବସ୍ଥା ହେବା ଦରକାର । ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅନ୍ଧାରରେ ରହିବା ନିଶ୍ଚିତ ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଡ. ମିଶ୍ର କହିଛନ୍ତି।

# ନୟାଗଡ଼ ଚିନିକଳ କ୍ରିୟାନୁଷ୍ଠାନ କମିଟିର ପ୍ରସ୍ତୁତି ବୈଠକ




ଚିନିକଳ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

**ଖଣ୍ଡପଡା,୨୭।୨(ସ୍ୱ.ପ୍ର.)**

ଶିଳ୍ପବିହୀନ ନୟାଗଡ ଜିଲାର ପାଣିପୋଇଲାଠାରେ ଥିବା ଏକମାତ୍ର ଚିନିଶିଳ୍ପ ଦୀର୍ଘବର୍ଷ ହେଲା ବନ୍ଦ ହୋଇପଡିଛି। ଏହା କାର୍ଯ୍ୟକ୍ଷମ କରାଯିବା ଦାବି ନେଇ ନୟାଗଡ ଚିନିକଳ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଗୁରୁବାର ଖଣ୍ଡପଡାସ୍ଥିତ ଉମାଦେବୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ବୈଠକରେ ପୌରହିତ୍ୟ କରଥିଲେ । ଏହି ବୈଠକରେ ଚିନି ଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବା ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ନୟାଗଡ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା ନିମନ୍ତେ ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ କରୁନଥିବାରୁ ଏ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଆସନ୍ତା ମାର୍ଚ୍ଚ ୬ ତାରିଖରେ ନୟାଗଡ ଜିଲା ବନ୍ଦ ପାଇଁ ଚିନିକଳ କ୍ରିୟାନୁଷ୍ଠାନ କମିଟି ଡ଼ାକରା ଦେଇଥିବା ବେଳେ ଖଣ୍ଡପଡା ଓ ଭାପୁର ବ୍ଲକ ଅଞ୍ଚଳବାସୀ ଏହି ବନ୍ଦ ଡାକରାରେ ସାମିଲ ହେବା ପାଇଁ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ମନୋଜ କୁମାର ସାହୁ, ଯୁବ ସଂଗଠକ ସନ୍ତୋଷ କୁମାର ପ୍ରଧାନ, ବିଶିଷ୍ଟ ଗାନ୍ଧୀବାଦୀ ନେତା ଯୋଗେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ନିବେଦନ କରିଥିଲେ । ଆଇନଜୀବୀ ଗଙ୍ଗାଧର ପଣ୍ଡା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କୃଷକ ନେତା ବୈକୁଣ୍ଠ ଖୁଣ୍ଟିଆ, ନିଗମାନନ୍ଦ ଦାଶ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

# ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟକୁ ନେଇ ଜନଅସନ୍ତୋଷ

**ଖଣ୍ଡପଡା,୨୭।୨(ସ୍ୱ.ପ୍ର.)**

ପୂର୍ତ୍ତ ବିଭାଗ ପକ୍ଷରୁ ଖଣ୍ଡପଡା ଜେଲଖାନା–ମେଡିକାଲ ଛକ ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁରହିଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ଉକ୍ତ ରାସ୍ତାର ସିମେଣ୍ଟ କଂକ୍ରିଟୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ରାସ୍ତା ପାର୍ଶ୍ୱରେ ଦୀର୍ଘବର୍ଷ ଧରି ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇନାହିଁ । ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରକାଶ ଯେ, ରାସ୍ତାର ନବୀକରଣ ହୋଇଥିବା ବେଳେ ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷରୁ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ଅନ୍ୟତ୍ର ଉଠା ନ ଯାଇ ଖୁଣ୍ଟଗୁଡିକୁ ମଡାଇ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଛି । ନୂତନ ଭାବେ ନିର୍ମାଣ ରାସ୍ତା ପୂର୍ବ ରାସ୍ତା ପତ୍ତନ ଠାରୁ ଅଧିକ ୧/୨ ଫୁଟ ଉଚ୍ଚରେ ରହୁଛି । ଫଳରେ ସେହି ଅନୁପାତରେ ରାସ୍ତା ଉପର ଦେଇ ଯାଇଥିବା ବିଦ୍ୟୁତ୍ ଲାଇନ ମଧ କମ୍ ଉଚ୍ଚତାରେ ଝୁଲି ରହିଛି । ଏହାକୁ ନେଇ ଆଗାମୀ ଦିନରେ ବିପଦ ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ରାସ୍ତା ନିର୍ମାଣ ପାଇଁ ଅଟକଳ କରିବା ସମୟରେ ରାସ୍ତା ଓ ତା' ଉପର ଦେଇ ଯାଇଥିବା ବିଦ୍ୟୁତ୍ ଲାଇନର ସ୍ଥିତିକୁ ଦେଖି ଅଟକଳ ପ୍ରସ୍ତୁତ କରିବା କଥା । ଏହି ଅଟକଳରେ ଝୁଲି ରହିଥିବା ବିଦ୍ୟୁତ୍ ଲାଇନ ଓ ଖୁଣ୍ଟକୁ ସ୍ଥାନାନ୍ତରିତ କରିବାର ବ୍ୟବସ୍ଥା ମଧ ଆବଶ୍ୟକତା ଥିଲା । ମାତ୍ର ଖଣ୍ଡପଡା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗ(ସେସୁ) କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି । ରାସ୍ତା ସିମେଣ୍ଟ କଂକ୍ରିଟୀକରଣ ଆରମ୍ଭ ପୂର୍ବରୁ ବିଦ୍ୟୁତ୍ ଖୁଣ୍ଟଗୁଡିକୁ ସ୍ଥାନାନ୍ତର ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏଠାରେ ସୂଚନା ଯୋଗ୍ୟ, ରାସ୍ତା ପାର୍ଶ୍ୱରେ ଅସଜଡା ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ବେପରୁଆ ଭାବେ ନିର୍ମାଣ କରିଥିବା ପାଣି ପାଇପ ଲାଇନ ଚାମ୍ବର ଗୁଡିକ ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣରେ ବାଧକ ସାଜିଥିବା ଖଣ୍ଡପଡା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ପରିଡା ସୂଚନା ଦେଇଛନ୍ତି । ନୟାଗଡ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପରିସ୍ଥିତି ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ରାସ୍ତାରେ କମ୍ ବ୍ୟବଧାନରେ ରହିଥିବା ବିଦ୍ୟୁତ୍ ତାର ।

# ୪ବର୍ଷ ବିତିଲା, ପ୍ଲିନ୍ଥ୍ ପତ୍ତନରେ ଅଟକି ରହିଛି କାର୍ଯ୍ୟ



ଅଧାପନ୍ତରିଆ ହୋଇ ପଡ଼ିଥିବା କଲ୍ୟାଣ ମଣ୍ଡପ କାର୍ଯ୍ୟ।

**ଖଣ୍ଡପଡା,୨୭।୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ଗୋକୁଳାନନ୍ଦ ଜୀଉ ପର୍ଯ୍ୟଟନ ପୀଠରେ ଗତ ୪ବର୍ଷ ହେଲା ନିର୍ମାଣାଧୀନ ଏକ କଲ୍ୟାଣ ମଣ୍ଡପର କାର୍ଯ୍ୟ କେବଳ ପ୍ଲିନ୍ଥ୍ ପତ୍ତନରେ ଅଟକି ରହିଛି। ଉକ୍ତ କାର୍ଯ୍ୟର ବିଲ୍ ବାବଦ ଅଗ୍ରିମ ଆକାରରେ ଲକ୍ଷାଧିକ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି । ଅପରପକ୍ଷେ କାର୍ଯ୍ୟଟି ୪ବର୍ଷ ପରେ ବି ସମ୍ପନ୍ନ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରକାଶ ଯେ, ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠି ସହ କେନ୍ଦ୍ରୀୟ ଅନୁଦାନ ମଞ୍ଜୁର ହୋଇଛି । ଏହି କାର୍ଯ୍ୟ ୬ ମାସ ମଧରେ ସମ୍ପନ୍ନ କରିବାର ବ୍ୟବସ୍ଥା ରହିଥିଲେ ମଧ ସିଧାମୂଳା ପର୍ଯ୍ୟଟନସ୍ଥଳୀରେ ଗତ ୨୦୧୬ରେ

### ସିଧାମୂଳା କଲ୍ୟାଣ ମଣ୍ଡପ

୩୫ଲକ୍ଷ ଟଙ୍କା ବ୍ୟୟ ବରାଦରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ଉକ୍ତ କଲ୍ୟାଣ ମଣ୍ଡପ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଇଛି । ସିଧାମୂଳା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିବା ବେଳେ ପଞ୍ଚାୟତ ପିଇଓଙ୍କ ଦ୍ୱାରା ଉକ୍ତ କାର୍ଯ୍ୟଟି ଆରମ୍ଭ ହୋଇଥିଲା। ତେବେ ତତ୍କାଳୀନ ସରପଞ୍ଚ ଏହି କାର୍ଯ୍ୟ କରିବାରେ ମୁଖ୍ୟ ଭୂମିକା ନେଇଥିଲେ । ଏହାର ପ୍ଲିନ୍ଥ୍ ପତ୍ତନ କାର୍ଯ୍ୟ ସମ୍ପନ୍ନ ପରେ ୨୦୧୬ ଡିସେମ୍ବର ୧୪ରେ ବିଲ୍ ପ୍ରସ୍ତୁତ କରାଯାଇ ୨୦୧୭ ଜାନୁୟାରୀ ୩ ତାରିଖରେ ୫ଲକ୍ଷ ୭୪ ହଜାର ଟଙ୍କା ପେମେଣ୍ଟ ହୋଇଥିଲା । ପରବର୍ତ୍ତୀ ସମୟରେ କାର୍ଯ୍ୟଟି ସେହି ପ୍ଲିନ୍ଥ୍ ପତ୍ତନରେ ଅଟକିରହିଥିବା ବେଳେ କାର୍ଯ୍ୟଟିର ଅଗ୍ରଗତି ପାଇଁ ଆଉ ୩ ଲକ୍ଷ ୨ହଜାର ଟଙ୍କା ଅଗ୍ରିମ ଆକାରରେ ପ୍ରଦାନ କରାଯାଇଛି । ମାତ୍ର ୪ ବର୍ଷ ବିତିଯାଇଥିଲେ ମଧ ଉକ୍ତ କାର୍ଯ୍ୟଟି ସେହି ପ୍ଲିନ୍ଥ୍ ପତ୍ତନରେ ଅଟକି ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ସରପଞ୍ଚଙ୍କ ସହ ଯୋଗାଯୋଗ କରିବାରେ ଉକ୍ତ କାର୍ଯ୍ୟର କେସ ରେକର୍ଡଟି ବ୍ଲକ କର୍ତ୍ତୃପକ୍ଷଙ୍କ ପାଖରେ ଥିବାରୁ କାର୍ଯ୍ୟ ସମ୍ପନ୍ନ କରିବାରେ ବାଧକ ସାଜିଛି । ତେବେ ଏ ସମ୍ପର୍କରେ ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ଉକ୍ତ କାର୍ଯ୍ୟ ପାଇଁ ବିଲ୍ ବାବଦ ଅଗ୍ରିମ ଆକାରରେ ୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା କହିଥିଲେ । ତେବେ ଏ ସମ୍ପର୍କରେ ନୟାଗଡ ଜିଲାପାଳ ଓ ଏସପିଙ୍କୁ ଅବଗତ କରାଯାଇଛି । ଜିଲା ପଞ୍ଚାୟତ ଅଧିକାରୀ (ଡିପିଓ) ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# କଳା, ସଂସ୍କୃତିର ବାର୍ତ୍ତା ଦେଉଛି ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର



ତାଳପତ୍ରରେ ଗୀତଗୋବିନ୍ଦ ।

**ବ୍ରହ୍ମପୁର ଅଫିସ,୨୭।୨**



ନିର୍ଦ୍ଦେଶକ
ଡ.ଦେବୀପ୍ରସନ୍ନ ପଟ୍ଟନାୟକ।

ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ପରମ୍ପରା ଐତିହ୍ୟର ଏକ ପ୍ରମୁଖ କେନ୍ଦ୍ର ହେଉଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହୋଇଥିବା ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର। ଏଠାରେ ଆଦିବାସୀମାନଙ୍କର ପାଣ୍ଡୁଲିପି ଓ ଆଦିମ ଜନଜାତି ବ୍ୟବହାର କରିଥିବା ବିଭିନ୍ନ ଅଳଙ୍କାର ଦେଖିବାକୁ ମିଳେ । ତା'ସହ ବିଭିନ୍ନ ମୁଦ୍ରା, ପ୍ରାଚୀନ ପୁସ୍ତକ, ପୁରୁଣା ଖବରକାଗଜ, ତାଳପତ୍ର ପୋଥି ଆଦି ଏଠାରେ ଦେଖିବାକୁ ମିଳେ। ସେହିପରି ଦଶପୋଇ, ଚିତ୍ରକାବ୍ୟ ଓ କାମଶାସ୍ତ୍ରର ବିଭିନ୍ନ ଆସନ ଅନେକ ଲୁପ୍ତପ୍ରାୟ ପୋଥିକୁ ଏଠାରେ ସଂରକ୍ଷିତ କରି ରଖାଯାଇଛି। ଅନ୍ୟପଟେ ଗଞ୍ଜାମ ଜିଲାର ଅନେକ ଲୋକକଳା ଓ ସଂସ୍କୃତିର ଝଲକ ଏଠାରେ ଦେଖିବାକୁ ମିଳେ। ଏଭଳି ଏକ କେନ୍ଦ୍ର ଗଢିତୋଳିବା ପାଇଁ ଓଡିଆ ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ ଏଭଳି ପରିକଳ୍ପନା ଆରମ୍ଭ କରିଥିଲେ। ଓଡିଆ ଭାଷାର ପ୍ରାଚୀନତମ ବର୍ଣ୍ଣନାର ସେ ଥିଲେ ବଡ ପୁରୋଧା। ସେ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗରେ ଯୋଗଦେବା ପରେ ବିଭିନ୍ନ ପୋଥିଗୁଡିକୁ ଦକ୍ଷିଣ ଓଡିଶା ଓ ଅନ୍ୟ ଅଞ୍ଚଳରୁ ସଂଗ୍ରହ କରିଥିଲେ। ଦକ୍ଷିଣ ଓଡିଶା ଥିଲା ସାଂସ୍କୃତିକ ପୀଠ। ଏହି

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସମୟରେ ମଧ୍ୟଯୁଗୀୟ ସାହିତ୍ୟର ବିକାଶ ହୋଇଥିଲା। ତାଙ୍କ ନିଜ ଉଦ୍ୟମରେ ତାଳପତ୍ର ପୋଥି ସଂଗ୍ରହ କରାଯାଇଥିଲା। ତା ସହିତ ବିଭିନ୍ନ ସାଂସ୍କୃତିକ ବୈଶିଷ୍ଟ ବହନ କରୁଥିବା ବସ୍ତୁ ମଧ ସଂଗ୍ରହ କରାଗଲା। ଏହା ପରେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଓ ସୀତାକାନ୍ତ ମହାପାତ୍ର ପ୍ରମୁଖଙ୍କ ଉଦ୍ୟମରେ ଏବଂ ୟୁଜିସି ସହାୟତାରେ ଆଞ୍ଚଳିକ ସାହିତ୍ୟ ସାଂସ୍କୃତିକ ମହତ୍ୱ ରଖୁଥିବା ସଂଗ୍ରହାଳୟ ଆରମ୍ଭ କରାଯାଇଥିଲା। ଏହା ମାଧ୍ୟମରେ ବିଭିନ୍ନ ପ୍ରଦର୍ଶନ କଳା, ଲୋକ ସଙ୍ଗୀତ, ଲୋକ ବାଦ୍ୟ, ଓଡିଶା ଜନଜାତିଙ୍କ ଜୀବନ ଚର୍ଯ୍ୟାର ବିଭିନ୍ନ ଅନୁଶୀଳନ ପାଇଁ କାର୍ଯ୍ୟ ଆରମ୍ଭ ହେଲା। ୨୦୧୫ରେ କୁଳପତି ଥିବା ପ୍ରଫେସର ଦୀପକ ବେହେରାଙ୍କ ସମୟରେ ଗଢାଯାଇଥିବା ନୂତନ କୋଠାକୁ ଓଡିଆ ବିଭାଗକୁ ଦିଆଯାଇଥିଲା । ଫଳରେ ଓଡିଆ ବିଭାଗରେ ଯିଏ ସ୍ୱତନ୍ତ୍ର ସଂଯୋଜକ ଥିଲେ, ସେ ହେଲେ ଦକ୍ଷିଣ ଓଡିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର ମୁଖ୍ୟ। ୨୦୧୬ରେ ଏହି କେନ୍ଦ୍ର ଉଦ୍‌ଘାଟିତ ହେବାପରେ ଏଠାର ନବକଳେବର ହୋଇଛି। ଏ ସମ୍ପର୍କରେ ଆମେ ଦକ୍ଷିଣ ଓଡିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର ମୁଖ୍ୟ ପ୍ରଫେସର ଡ.ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପଚାରିବାରୁ ଦକ୍ଷିଣ ଓଡିଶାର କଳା, ସଂସ୍କୃତି ଓ ବୈଭବକୁ ଅନୁଶୀଳନ କରିବା ପାଇଁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଉକ୍ତ କେନ୍ଦ୍ର ନାକ୍ ଟିମ୍ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଏଠାରେ ୨୫୦୦ ତାଳପତ୍ର ପୋଥି, ୫୦ରୁ ଉର୍ଦ୍ଧ୍ୱ ହାତଲେଖା ପୋଥି ରହିଛି। ଏହା ସହ ଓଡିଶାର ୬୨ ଜନଜାତିଙ୍କ ମଧ୍ୟରୁ ଦକ୍ଷିଣ ଓଡିଶାର ପ୍ରାୟ ଜନଜାତିଗୁଡିକ ବ୍ୟବହାର କରୁଥିବା ଅଳଙ୍କାର ଏଠି ରଖାଯାଇଛି।




ଆଦିବାସୀ ଧାତବକଳା

**ସଂକ୍ଷେପରେ**

## ନାବାଳିକା ବିବାହକୁ ଅଟକାଇଲା ପ୍ରଶାସନ

**ନୟାଗଡ ଅଫିସ/ଖଣ୍ଡପଡା,୨୭।୨(ସ୍ୱ.ପ୍ର):** ନୟାଗଡ଼ ଜିଲାରେ ବାଲ୍ୟ ବିବାହ ନେଇ ଯେତେ କଟକଣା କରାଗଲେ ମଧ ସମସ୍ୟା ସୁଧୁରିବାର ନାଁ ଧରୁନାହିଁ। ଗୁରୁବାର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ସ୍ତରରେ ବାଲ୍ୟ ବିବାହ ଓ କନ୍ୟାଭ୍ରୁଣ ହତ୍ୟା ଉପରେ ଆଲୋଚନା ଚାଲିଥିବା ବେଳେ ଖଣ୍ଡପଡା ଥାନା ଅଞ୍ଚଳରେ ଏକ ନାବାଳିକା ବିବାହକୁ ଅଟକାଯାଇଛି। ବିବାହ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଚାଲିଥିବା ବେଳେ ଘଟଣାସ୍ଥଳରେ ଚାଇଲ୍ଡଲାଇନ ଓ ପୋଲିସ ପ୍ରଶାସନ ପହଁଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ନୟାଗଡ ଚାଇଲ୍ଡ ଲାଇନ ପକ୍ଷରୁ ଗତ ସପ୍ତାହ ମଧରେ ୨ଟି ବାଲ୍ୟ ବିବାହ ବନ୍ଦ କରାଯିବା ସହ ୨ଜଣ ନାବାଳିକାଙ୍କୁ ଉଦ୍ଧାର କରି ତପସ୍ୟା ଚାଇଲଡଲାଇନ୍ସ ହୋମରେ ରଖାଯାଇଛି। ନୟାଗଡ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ଖଣ୍ଡପଡା ପୋଲିସ ସହାୟତାରେ ଗୁରୁବାର ଅଚାନକ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ପରେ ନୟାଗଡସ୍ଥିତ ଏକ ଶିଶୁଗୃହକୁ ପଠାଇ ଦେଇଥିବା ଜଣାପଡିଛି। ଖଣ୍ଡପଡା ପୋଲିସ ସୂତ୍ରରୁ ପ୍ରକାଶ ଯେ, ଖଣ୍ଡପଡା ସହର ୧ନଂ ୱାର୍ଡ ଅଧୀନ ଟିଙ୍କଚୁଆ ଗ୍ରାମରେ ଜଣେ ୧୭ ବର୍ଷିୟା ନାବାଳିକାଙ୍କ ଶୁକ୍ରବାର ବିବାହ ନିମନ୍ତେ ଗୁରୁବାର ମଙ୍ଗନ ଉତ୍ସବ ଅନୁଷ୍ଠିତ ହେଉଥିଲା। ନାବାଳିକା ପରିବାରବର୍ଗ ବରଘର ପକ୍ଷଙ୍କୁ ଝିଅର ବୟସ ୧୮ ବର୍ଷ ହୋଇଛି ବୋଲି ଦର୍ଶାଇ ବିବାହ ଦେଉଥିବା ନେଇ ବରପକ୍ଷର ଲୋକମାନେ ଖଣ୍ଡପଡା ପୋଲିସକୁ ସୂଚନା ଦେଇଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଥାଉକି ନାବାଳିକା ବିବାହ ବନ୍ଦ ପରେ ବରପକ୍ଷର ଲୋକମାନେ କନ୍ୟା ପକ୍ଷଙ୍କୁ ଧମକ ଦେଇଥିବା ଅଭିଯୋଗ ହେଉଛି।

## ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ

**ପୁରୀ ଅଫିସ,୨୭।୨:** ପୁରୀ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ଗୁରୁବାର ଆଚାର୍ଯ୍ୟ ହରିହରଙ୍କ ୧୪୧ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଗାନ୍ଧୀ ସ୍ମୃତିପୀଠରେ ଆୟୋଜିତ ସାଧାରଣ ସଭାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଚାର୍ଯ୍ୟଙ୍କ ହିତବାଣୀ ଭଲ ମଣିଷ ହୁଅ ବାର୍ତ୍ତାରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍ମୃତି ସଂସଦର ପୃଷ୍ଠପୋଷକ ସୁଧାକର ମହାପାତ୍ର ଆଚାର୍ଯ୍ୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ହରିହର ଛକସ୍ଥିତ ପ୍ରତିମୂର୍ତ୍ତି ଏବଂ ଗାନ୍ଧୀ ସ୍ମୃତିପୀଠରେ ମାଲ୍ୟାର୍ପଣ ପରେ ଯୁଗ୍ମ ସମ୍ପାଦକ ଶିବପ୍ରସାଦ ମିଶ୍ର ଏବଂ ମହିଳା କୁଟୀର ଶିଳ୍ପର ଅନ୍ତେବାସିନୀଙ୍କ ସହଯୋଗରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, ଦେଶାତ୍ମବୋଧ ସଙ୍ଗୀତ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ ସହ ଛାତ୍ରବୃତ୍ତି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ସ୍ମୃତି ସଂସଦ ସମ୍ପାଦକ ବିଜୟ କିଶୋର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଭଞ୍ଜ, ଭାବଗ୍ରାହୀ ରାଉତରାୟ, ମାୟାଧର ମହାରଣା, ବିଜୟ କୁମାର ନନ୍ଦଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ବେଟି ବଚାଅ ବେଟି ପଢ଼ାଅ କାର୍ଯ୍ୟକ୍ରମ ଅପହଞ୍ଚ

- ସଚେତନତା ପାଇଁ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା
- ବଦଳିପାରୁନି ଝିଅ ବୋଝର ବାର୍ତ୍ତା

**ନୟାଗଡ଼ ଅଫିସ,୨୭।୨**

କନ୍ୟା ଭ୍ରୂଣ ହତ୍ୟା ହେଉ ଅଥବା ବାଲ୍ୟବିବାହ ନୟାଗଡ଼ ଜିଲାରେ ବଢ଼ି ଚାଲିଛି। ଏହା ଉପରେ ରୋକ୍ ଲଗାଇବା ପାଇଁ ସରକାରୀ ସ୍ତରରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଏହାର ପ୍ରଭାବ ଲୋକଙ୍କ ଉପରେ ପଡୁ ନ ଥିବା ଦେଖାଯାଉଛି। ବାଲ୍ୟବିବାହ ବା ନାବାଳିକା ବିବାହର କୁପରିଣତି ଜାଣି ସୁଦ୍ଧା ଲୋକେ ଏହାକୁ ଆପଣାଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୨୦୧୯ ଫେବୃୟାରୀରୁ ୨୦୨୦ ଫେବୃୟାରୀ ପର୍ଯ୍ୟନ୍ତ ନୟାଗଡ଼ରେ ୪୨ ନାବାଳିକା ବିବାହ ବନ୍ଦ ହୋଇଛି। କେବଳ ୨୦୨୦ ଜାନୁୟାରୀ ଓ ଫେବୃୟାରୀରେ ଏହିପ୍ରକାର ୧୪ଟି କେସ୍ ବନ୍ଦ କରାଯାଇଛି। ଝିଅ ଯେ ବୋଝ ନୁହେଁ ଏଭଳି ବାର୍ତ୍ତା ଲୋକଙ୍କ ମାନସିକତାକୁ ବଦଳାଇ ପାରୁନି।

### ବଦନାମ ନୁହେଁ ଦେଖାଉଛି ରାସ୍ତା

ବାଲ୍ୟବିବାହ କ୍ଷେତ୍ରରେ ନୟାଗଡ଼ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। ସେହିଭଳି କନ୍ୟା ଭ୍ରୂଣ ହତ୍ୟାରେ ପ୍ରଥମ ସ୍ଥାନରେ ଅଛି। ଏହି ଦୁଇ ପ୍ରସଙ୍ଗକୁ ନେଇ ଅନେକେ କହୁଛନ୍ତି ଅଯଥାରେ ନୟାଗଡ଼ ଜିଲାକୁ ବଦ୍‌ନାମ କରୁଛ। ଏ ନେଇ ବିଭିନ୍ନ ସଭାସମିତିରେ ମଧ ନୟାଗଡ ବଦନାମ ହେଉଛି ବୋଲି କୁହାଯାଉଛି। ତେବେ ଜିଲାର ଅନେକ ବୁଦ୍ଧିଜୀବୀ ଏଭଳି ଟିପ୍ପଣୀକୁ ନାପସନ୍ଦ କରୁଛନ୍ତି। ସେମାନଙ୍କ ଯୁକ୍ତି ଅନୁସାରେ ନୟାଗଡ ବଦନାମ ହେଉନି ବରଂ ଓଡିଶାକୁ ନୂଆ ଦିଶା ଦେଖାଉଛି। ୨୦୦୭ ଜୁଲାଇ ୧୪ ତାରିଖରେ ନୟାଗଡ଼ର ଡୁବୁରି ପାହାଡ ପାଦଦେଶରେ ୬ଟି ଅପରିପକ୍ୱ ଶିଶୁର ମୃତଦେହ ମିଳିଥିଲା। ଏହା ପରେ ନୟାଗଡ ଭ୍ରୂଣହତ୍ୟା କ୍ଷେତ୍ରରେ ଚର୍ଚ୍ଚାକୁ ଆସିଥିଲା। ଏହାର ଅର୍ଥ ନୁହେଁ କେବଳ ନୟାଗଡ଼ରେ ଭ୍ରୂଣହତ୍ୟା ହେଉଥିଲା। ଅନ୍ୟ ଜିଲାରେ ମଧ ହେଉଥିଲା। ହେଲେ ଏହାକୁ କେହି ପ୍ରମୁଖ ଘଟଣା ଦର୍ଶାଇ ଆଗକୁ ଆଣୁ ନ ଥିଲେ। ଭ୍ରୂଣ ହତ୍ୟା ପରେ ପିସି ପିଏନ୍‌ଡିଟି ଆକ୍ଟ କଡାକଡି କରାଗଲା। ବାଲ୍ୟବିବାହକୁ ଆମ ଜିଲାରେ ରୋକାଯାଇ ପାରୁନି। ଏହା ଅର୍ଥ ନୁହେଁ ହାତ ଟେକିଦେବା। ଦୁଇ ପ୍ରସଙ୍ଗରେ ନିନ୍ଦିତ ହେଉଛି ଦର୍ଶାଇ ଚୁପ ରହିବା ଠିକ୍ ନୁହେଁ। ଯଦି ଚୁପ୍ ରହିବା ସରକାରୀ ଅନୁଦାନକୁ ଖର୍ଚ୍ଚ କରି ବଦନାମର ବୋଝ କହି ଯେଉଁମାନେ ଖସିଯିବାକୁ ଚେଷ୍ଟା କରୁଛନ୍ତି ସେମାନେ କ୍ଷମା ପାଇବେ ନାହିଁ।

### ଟାର୍ଗେଟରେ ଶିଶୁକନ୍ୟା

ପୁରୁଷ ହେଉକି ନାରୀ ସମସ୍ତଙ୍କର ମୋହ ରହିଛି ପୁତ୍ର ପାଖରେ। ପୁଅଟିଏ ହେଉ ବୋଲି ସମସ୍ତଙ୍କର ଇଚ୍ଛା। ଏଣୁ ଲୁଚାଛପାରେ ଚାଲିଛି କନ୍ୟା ଭ୍ରୂଣ ହତ୍ୟା। କେବଳ ନୟାଗଡ ଜିଲାରେ ଆଇନକୁ କଡାକଡି କରିଦେଲେ ଏହାର ସମାଧାନ ହୋଇଯିବ ବୋଲି ଯେଉଁ ଆଶା କରାଯାଉଛି ତାହା ଭୁଲ୍। ନୟାଗଡ଼ର ଗର୍ଭବତୀ ମହିଳା ଯାଇ ଭୁବନେଶ୍ୱରରେ ଭ୍ରୂଣକୁ ହତ୍ୟା କରି ଆସୁଛନ୍ତି। ଭ୍ରୂଣହତ୍ୟା ପାଇଁ ଭୁବନେଶ୍ୱରରେ ଭ୍ରାମ୍ୟମାଣ ଗାଡି ବୁଲୁଥିବା ଜଣେ ଗର୍ଭବତୀ ମହିଳା କହିଛନ୍ତି। ସୂଚନା ଅନୁସାରେ ସମ୍ପୃକ୍ତ ମହିଳା ଭ୍ରାମ୍ୟମାଣ ଗାଡିର ଆଶ୍ରୟ ନେଇଥିଲେ। ତାଙ୍କର ଗୋଟିଏ ଝିଅ ଥିଲା। ପୁଅଟିଏ ପାଇଁ ଆଶା ରଖିଥିଲେ। ହେଲେ ପରୀକ୍ଷାରେ ପୁଅ ଜଣାପଡିବା ପରେ ଗର୍ଭ ନଷ୍ଟ କଲେ ନାହିଁ। ତାଙ୍କୁ ୧୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଲା। ଏହିଭଳି କିଛି ମହିଳା ଭୁବନେଶ୍ୱର ଯାଇ ଝିଅ ଥିବା ଜଣାପଡିଲେ ଗର୍ଭ ନଷ୍ଟ କରୁଛନ୍ତି ବୋଲି ସେ କ୍ଷୋଭର ସହ କହିଥିଲେ। ସ୍ଥିତି ଏପରି ହେଉଛି ଇଚ୍ଛା ନ ଥିଲେ ବି ପରିବାର କଥା ଭାବି ହତ୍ୟା କରିବାକୁ ବାଧ। ଏଭଳିସ୍ଥଳେ ଶିଶୁକନ୍ୟା ଟାର୍ଗେଟରେ ରହିବା ସ୍ୱାଭାବିକ। ଏହା ଆଜିର ଘଟଣା ନୁହେଁ, ବହୁ ବର୍ଷ ଧରି ଚାଲୁ ରହିଛି। ଆଇନ କଡାକଡି ହେଲେ କ'ଣ ହେବ। ଆଇନର ଗଳାବାଟ ଦେଇ ସବୁକିଛି କରିହେଉଛି । ବହୁ ଧନିକ ଶ୍ରେଣୀର ଲୋକ, ସଚେତନତା ସୃଷ୍ଟି କରୁଥିବା ଲୋକ ଏଥିରେ ସାମିଲ ଥିବା ଅଭିଯୋଗ ଉଠୁଛି। ହେଲେ ଉପରକୁ ସବୁକିଛି ଠିକ୍‌ଠାକ୍ ଚାଲିଥିବା କୁହାଯାଉଛି।

## ବାଇକ୍ ଧକ୍କାରେ ପରୀକ୍ଷାର୍ଥୀ ଆହତ


ଆହତ ଛାତ୍ର

**ଦଶପଲ୍ଲା,୨୭।୨(ଡି.ଏନ୍.ଏ.)**

ଗୁରୁବାର ସନ୍ଧ୍ୟାରେ ଦଶପଲ୍ଲା ବ୍ଲକର ନେଳିଗୁଡ଼ା ଛକଠାରେ ଏକ ବାଇକ୍ ଧକ୍କାରେ ଜଣେ ଏକ୍ସ ରେଗୁଲାର ମାଟ୍ରିକ ପରୀକ୍ଷାର୍ଥୀ ଆହତ ହୋଇଛନ୍ତି। ସେ ହେଲେ ସାଗର ମଣ୍ଡଳ ନାୟକ, ଘର ଫୁଲବାଣୀ। ନେଳିଗୁଡାରେ ରହୁଥିବା ସାଗର ନେଳିଗୁଡ଼ା ହାଇସ୍କୁଲର ଛାତ୍ର ହୋଇଥିବାବେଳେ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଭାବେ ଦଶପଲ୍ଲା ହାଇସ୍କୁଲ ସେଣ୍ଟରରେ ପରୀକ୍ଷା ଦେଉଥିଲେ। ସନ୍ଧ୍ୟାରେ କିଛି ଦରକାରି ଜିନିଷ କିଣାକିଣି କରି ଫେରୁଥିବା ବେଳେ ନେଳିଗୁଡ଼ା ଛକଠାରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ଜିଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ସତ୍ୟବାଦୀ ଯୁଗର ସାହିତ୍ୟରେ ଚେତନା ଶୀର୍ଷକ ଆଲୋଚନାଚକ୍ର


ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି।

**ନୟାଗଡ଼ ଅଫିସ,୨୭।୨**

ଶରଣକୁଳ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ସତ୍ୟବାଦୀ ଯୁଗର ସାହିତ୍ୟରେ ଚେତନା ଶୀର୍ଷକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଅନ୍ତର୍ଯାମୀ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ଦାଶ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନ ଓ ସମୃଦ୍ଧ ସାହିତ୍ୟ ସୃଷ୍ଟି ଦ୍ୱାରା ଓଡ଼ିଆ ଭାଷା ତା'ର ଗୌରବ କିପରି ଅକ୍ଷୁଣ୍ଣ ରଖିପାରିଛି ସେ ଉପରେ ଟିପ୍ପଣୀ ଦେଇଥିଲେ। ବିଭାଗୀୟ ମୁଖ୍ୟ ରାଜ କୁମାରୀ ବେହେରା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସସ୍ମିତା ରାଣୀ ଦାଶ ସ୍ୱାଗତ ଭାଷଣ ଓ ଆଭିମୁଖ୍ୟ ଜ୍ଞାପନ କରିଥିଲେ। ଆଲୋଚକ ରୂପେ ଅଧ୍ୟାପକ ବ୍ୟୋମକେଶ ରଥ ଯୋଗ ଦେଇଥିଲେ। ଅଧ୍ୟାପିକା ମନୋଜିନୀ ଦଳବେହେରା ଧନ୍ୟବାଦ ଦେଇଥିଲେ।

# ପିଏମ୍‌ଏୱାଇ ହିତାଧିକାରୀ ଚୟନରେ ଅନିୟମିତତା

**ଓଡ଼ଗାଁ,୨୭।୧(ସ୍ୱ.ପ୍ର.)**

ଓଡ଼ଗାଁ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ଯୋଗ୍ୟ ହିତାଧିକାରୀ ଚୟନରେ କର୍ତ୍ତୃପକ୍ଷ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ବହୁ ହିତାଧିକାରୀ ସେମାନଙ୍କ ଅଭିଯୋଗ ପତ୍ର ବିଡିଓଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଭିଯୋଗ ବକ୍ସରେ ପକାଇଥିବା ବେଳେ ଆଉ କେତେଜଣ ସିଧାସଳଖ ବିଡିଓଙ୍କୁ ଭେଟି ଅଭିଯୋଗ ଦାଖଲ କରିଛନ୍ତି। ଏହିକ୍ରମରେ ଭାଡିକିଲା ପଞ୍ଚାୟତ ବାଉଁଶଗାଡିଆ ଗ୍ରାମର ପ୍ରଭାସିନୀ ସେଠୀଙ୍କ ପକ୍କା ଗୃହ ନ ଥିବାବେଳେ ଘରବାରି ଯୋଗ୍ୟ ଜାଗା ରହିଛି। ବିଭିନ୍ନ ସମୟରେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ସାମିଲ କରିବାକୁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ସାମିଲ କରାଯାଇ ନାହିଁ। ନ୍ୟାୟ ନ ପାଇଲେ ସେ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ବିଡିଓଙ୍କୁ ୧୩ ତାରିଖରେ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷେ ସାକେରି ପଞ୍ଚାୟତ ଗର୍ଜନୀ ଗ୍ରାମରେ କେତେକ ହିତାଧିକାରୀଙ୍କୁ ଚଞ୍ଚକତା ପୂର୍ବକ ତାଲିକାଭୁକ୍ତ କରାଯାଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥି ମଧ୍ୟରେ କେତେକ ଅବିବାହିତା ଓ ଆଉ କେତେଜଣ ବିବାହ କରି ଅନ୍ୟ ଜିଲାର ଶ୍ୱଶୁର ଘରକୁ ଚାଲିଯାଇଥିବା ଯୁବତୀ ସାମିଲ ଅଛନ୍ତି। ଏହା ସହିତ ଗୋଟିଏ ପରିବାରର ପୁଅ, ବୋହୂ, ସ୍ତ୍ରୀଙ୍କ ନାମ ମଧ ତାଲିକାରେ ରହିଛି। ଭୁବନେଶ୍ୱରରେ ରହୁଥିବା ଜଣେ ପେନ୍‌ସନଭୋଗୀ ସରକାରୀ କର୍ମଚାରୀ, ଅନ୍ୟ ଏକ ପରିବାରର ଦୁଇ ଝିଅ ଓ ଉଭଣୀଙ୍କ ନାମ କୁଆଡେ ତାଲିକାରେ ଦେଖିବାକୁ ମିଳିଛି। ଏ ନେଇ ଜଣେ ବ୍ୟକ୍ତି ନାମ ଗୋପନ ରଖିବାକୁ ଅନୁରୋଧ କରିବା ସହିତ ବ୍ୟକ୍ତିଗତ ଭାବେ ବିଡିଓଙ୍କୁ ଭେଟି ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସ୍ୱାତୀଲେଖା ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ସମୟରେ ଚଞ୍ଚକତା ସମ୍ପର୍କରେ ତଦନ୍ତ କରିବା ସମ୍ଭବ ହେଉନାହିଁ। ତଦନ୍ତ ହେବା ପର୍ଯ୍ୟନ୍ତ ସେମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।


ଭଙ୍ଗା ଚାଳଘର ଆଗରେ ପ୍ରଭାସିନୀ।

**ଓଡ଼ଗାଁ ବ୍ଲକ୍**
- ବଞ୍ଚିତ ହେଉଛନ୍ତି ଯୋଗ୍ୟ ହିତାଧିକାରୀ
- ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

## ସିଡିଏମ୍‌ଓଙ୍କୁ ଆଶା ସାଥୀ ସଂଘର ଦାବିପତ୍ର

**ପୁରୀ ଅଫିସ,୨୭।୨**

୫ଦଫା ଦାବି ନେଇ ପୁରୀ ଆଶା ସାଥୀ ସଂଘ ପକ୍ଷରୁ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ୨୦୦୬ ମସିହାରୁ ଆଶା ସାଥୀମାନେ କାର୍ଯ୍ୟ କରି ଆସୁଛନ୍ତି। କେନ୍ଦ୍ର ସରକାର ୨୦୧୮-୧୯ରେ ଆଶା ସାଥୀଙ୍କ ଲାଗି ୫ହଜାର ଟଙ୍କା ଘୋଷଣା କରିଥିଲେ। ପୁଣି ୨୦୧୯ ମସିହାରେ ଏହା ୬ହଜାର ଟଙ୍କାକୁ ବୃଦ୍ଧି ହୋଇଥିଲା। ମାତ୍ର ଆଶାସାଥୀମାନେ ୩ହଜାର ଟଙ୍କା ପାଉଛନ୍ତି। ଏ ନେଇ ସଂଘ ପକ୍ଷରୁ ବାରମ୍ବାର ଦାବି କରାଯିବା କୌଣସି ପଦକ୍ଷେପ ନିଆଯାଉ ନାହିଁ।

## ଶ୍ରୀମଦ୍ ଭଗବଦ୍ ସପ୍ତାଙ୍ଗ ପାରାୟଣ ନାମଯଜ୍ଞ


କୁମ୍ଭିରଖଣି ଗ୍ରାମରେ ସୂର୍ଯ୍ୟପୂଜା କରାଯାଉଛି।

**ଗଣିଆ,୨୭।୨(ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ କୁମ୍ଭିରଖଣି ଗ୍ରାମରେ ବିଜେ ଶ୍ରୀଶ୍ରୀ ଚିନ୍ତାମଣି ଜୀଉଙ୍କ ପ୍ରଥମ ବାର୍ଷିକ ମହୋତ୍ସବ ଉପଲକ୍ଷେ ଗତ ସୋମବାରଠାରୁ ଶ୍ରୀମଦ୍ ଭଗବତ ସପ୍ତାଙ୍ଗ ପାରାୟଣ ଓ ପ୍ରବଚନ ନାମଯଜ୍ଞ ଆରମ୍ଭ ହୋଇଛି । ସୋମବାର ଶୁଭାଧିବାସ ଓ ଘଟସ୍ଥାପନ ପରେ ମଙ୍ଗଳବାରଠାରୁ ପ୍ରତ୍ୟହ ସକାଳୁ ସୂର୍ଯ୍ୟପୂଜା, ଘୃତଯଜ୍ଞ ସହ ଦିନବ୍ୟାପୀ ଶ୍ରୀମଦ୍ ଭଗବତ ପାଠ ଚାଲୁରହିଛି । ସନ୍ଧ୍ୟାରେ ଠାକୁରଙ୍କ ପାଖରେ ସନ୍ଧ୍ୟା ଆଳତି ପରେ ହରିନାମ କୀର୍ତ୍ତନ ସହ ବରେଣ୍ୟ ପ୍ରବକ୍ତାମାନଙ୍କ ଦ୍ୱାରା ମଧ୍ୟରାତ୍ର ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଚାଲୁରହିଛି । ଓଡିଶାର ସୁନାମଧନ୍ୟ ପ୍ରବକ୍ତା ପ୍ରଶାନ୍ତ କୁମାର ଚାନ୍ଦ, ଡ. ଗଣେଶ୍ୱର ସ୍ୱାଇଁ ଓ ପଣ୍ଡିତ ଦେବରାଜ ଦାସଙ୍କ ଠାରୁ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀମଦ୍ ଭଗବତ କଥାମୃତ ଶ୍ରବଣ କରିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳୁଛି । ଆସନ୍ତା ମାର୍ଚ୍ଚ ୨ତାରିଖରେ ଏହି ସପ୍ତାଙ୍ଗ ପାରାୟଣର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀଙ୍କ ତରଫରୁ ସୂଚନା ମିଳିଛି । କାର୍ଯ୍ୟକ୍ରମରେ ବ୍ୟାସ ଭାବେ ଡଙ୍କାରିସାହି ଗ୍ରାମର ସୁବାସ ଚନ୍ଦ୍ର ଶତପଥୀ ଓ ଆଚାର୍ଯ୍ୟ ଭାବେ ଦଶପଲ୍ଲାର ରାଜେଶ କୁମାର ହୋତାଶର୍ମା ଯୋଗଦେଇଛନ୍ତି । ସେହିପରି ଛାମୁଣ୍ଡିଆ ଆଞ୍ଚଳିକ ପାରାୟଣ କମିଟି ତରଫରୁ ଛାମୁଣ୍ଡିଆ ବଜାରସ୍ଥିତ ମହାବୀର ମନ୍ଦିର ପରିସରରେ ୩୪ତମ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଚାଲୁରହିଛି । ମଙ୍ଗଳବାର ଶୁଭାଧିବାସ ଓ ଅଖଣ୍ଡ ହନୁମାନ ଚାଳିଶା ଅନୁଷ୍ଠିତ ହେବା ପରେ ବୁଧବାରଠାରୁ ଶ୍ରୀରାମ ଚରିତ ମାନସ ପଠନ ଓ ସନ୍ଧ୍ୟାରେ ରାମକଥା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଭାଲିଆଡିହି ମିଳିତ ଆକ୍ରମଣ ଘଟଣା:୨ ସହଯୋଗୀଙ୍କୁ ଦଣ୍ଡାଦେଶ

**ନୟାଗଡ ଅଫିସ,୨୭।୨**

ନୟାଗଡ଼ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସ କୁମାର ପଣ୍ଡାଙ୍କ କୋର୍ଟରେ ଭାଲିଆଡିହି ଆକ୍ରମଣ ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ଏହି ଘଟଣାର ଦୁଇ ସହଯୋଗୀ ଭାଲିଆଡିହିର ବାପିନା ନାୟକ (୨୩) ଓ କାଳିଆ ଡାକୁଆ (୨୪)ଙ୍କୁ ଦଣ୍ଡାଦେଶ ହୋଇଛି। ସେମାନଙ୍କୁ ୩୨୪ ଧାରାରେ ଦୋଷୀ ସାବ୍ୟସ୍ତ କରାଯାଇ ୩ବର୍ଷ ପାଇଁ ଅବଜର୍ଭେଶନରେ ରଖାଯାଇଛି। ସେମାନଙ୍କର ଅପରାଧିକ କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଜିଲା ପ୍ରୋବେସନର ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରୋବେସନର ଅଫିସର ସେମାନଙ୍କ କାର୍ଯ୍ୟକଳାପ ଉପରେ ତଥ୍ୟ ସଂଗ୍ରହ କରି କୋର୍ଟକୁ ଅବଗତ କରାଇବେ। ପ୍ରାପ୍ତ ସୂଚନା ଅନୁସାରେ ୨୦୧୪ ଜୁଲାଇ ୬ରେ ଭାଲିଆଡିହିର ବଂଶୀଧର ପ୍ରଧାନ, ସହଯୋଗୀ ଜୟକୃଷ୍ଣ ପ୍ରଧାନ ନିଜ ଘରକୁ ଫେରୁଥିଲେ। ଗାଁ ମୁଣ୍ଡରେ ସେହି ଗାଁର ବିକ୍ରମ ନାୟକ, ବାପିନା ନାୟକ ଓ କାଳିଆ ଡାକୁଆ ଏକ ବାଇକ୍‌ରେ ଆସି ଅଟକିଥିଲେ। ବଂଶୀଧରଙ୍କୁ ଦେଖି ୩ଜଣ ଯାକ ମିଳିତ ଆକ୍ରମଣ କରିଥିଲେ। ଜୟକୃଷ୍ଣ ପ୍ରତିବାଦ କରିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ବଂଶୀଧରଙ୍କ ଅଭିଯୋଗ ପରେ ୩ଜଣ ଗିରଫ ହୋଇ ଜେଲ ଯାଇଥିଲେ। ପରେ ଜାମିନ ପାଇଥିଲେ। ତେବେ ମୁଖ୍ୟ ଅଭିଯୁକ୍ତଙ୍କର କିଛି ଦିନ ତଳେ ମୃତ୍ୟୁ ହୋଇଯାଇଥିଲା। ସରକାରୀ ଓକିଲ ଅମିୟ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

## ଆଶା, ଗାଁ କଲ୍ୟାଣ ସମିତି ସମାବେଶ

**ନୟାଗଡ଼ ଅଫିସ,୨୭।୨**



ସମାବେଶରେ ଉପସ୍ଥିତ ଅତିଥିମାନେ।

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମାବେଶ ସ୍ଥାନୀୟ ପଠାଣିସାମନ୍ତ ଅଡିଟୋରିୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲାପାଳ ଡା. ପୋମା ଟୁଡୁ ଯୋଗ ଦେଇ କହିଥିଲେ, ସମାଜକୁ ଆମକୁ ବଦଳାଇବାକୁ ହେବ। ଆମେ କେବଳ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମରେ ଅଟକି ରହିବାନି। ଏହାକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ପଡିବ। ମୋ ଝିଅ ମୋ ବଂଶ ବଢ଼ାଇବ। ଆମ ଝିଅମାନଙ୍କୁ ବଞ୍ଚାଇବାକୁ ପଡିବ। ସମସ୍ତଙ୍କ ସହଯୋଗ ରହିଲେ ଝିଅ ସଂଖ୍ୟା ବଢ଼ିବ, ଏଥିରେ ସନ୍ଦେହ ନାହିଁ। କାରଣ ୨୦୧୧ ଜନଗଣନା ଅନୁସାରେ ୧୦୦୦ ପୁଅରେ ୮୫୫ ଝିଅ ଥିଲେ। ତେବେ ୨୦୧୯ ଶିଶୁ ଜନ୍ମହାର ୮୫୭ ହୋଇଛି। ମାତ୍ର ୨ଜଣ ଝିଅ ବଢ଼ିଛନ୍ତି। ଅନ୍ୟପକ୍ଷେ ଜିଲାର ୪୮ ପଞ୍ଚାୟତରେ ଝିଅପୁଅ ନେଇ ଯେଉଁ ତଫାତ୍ ରହିଛି ତାହାର ସମାଧାନ ଆମକୁ କରିବାକୁ ପଡିବ। ୩୮ ପଞ୍ଚାୟତରେ ଝିଅ ସଂଖ୍ୟା ବଢ଼ାଇବା ପାଇଁ ମନିଟରିଂକୁ ତ୍ୱରାନ୍ୱିତ କରାଯିବ। ଅନ୍ୟ ପଞ୍ଚାୟତରେ କିପରି ନାବାଳିକା ବିବାହ ଓ ଭ୍ରୂଣହତ୍ୟା ରୋକାଯାଇ ପାରିବ ସେ ନେଇ ପଦକ୍ଷେପ ନିଆଯିବ। ଏପରି କରାଗଲେ ପରିବର୍ତ୍ତନ ନିଶ୍ଚିତ ଆସିବ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଡିଏଫଓ ଧନରାଜ ଏଚ୍‌ଡି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ୱେତ ମହାପାତ୍ର, ପିଏନ୍‌ଡିଟି ଆଇନ ଉପଦେଷ୍ଟା ମନୋରଞ୍ଜନ ପ୍ରଧାନ ଓ ଶ୍ରାବଣୀ ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ନୌସଦ ଅଲ୍ଲୀ ଖାଁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଭ୍ରୂଣହତ୍ୟା ଓ ବାଲ୍ୟ ବିବାହ ରୋକିବା, ଗାଁ କଲ୍ୟାଣ ସମିତି ଜରିଆରେ ରାଜସ୍ୱ ଗ୍ରାମର ସ୍ୱାସ୍ଥ୍ୟ, ପରିମଳ, ପୁଷ୍ଟିର ଉନ୍ନତି କରାଇବା ଉପରେ ଟିପ୍ପଣୀ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଆଶାକର୍ମୀ ଭାବେ ବାହାଡାଝୋଲାର ସଞ୍ଜୁବାଳା ନାୟକ, ସବିତା ସାହୁଙ୍କୁ ୨ୟ ଓ ଇଟାମାଟିର ଅହଲ୍ୟା ପ୍ରଧାନଙ୍କୁ ତୃତୀୟ ଭାବେ ପୁରସ୍କୃତ କରାଯାଇଛି। ଶରଧାପୁର ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ ହୋଇଥିବାବେଳେ ୮ ବ୍ଲକର ୮ଜଣ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

# ବୋଲଗଡ଼ରେ ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ଟିମ୍

**ବୋଲଗଡ,୨୭।୨(ଡି.ଏନ.ଏ.)**


ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛି ବିଶେଷଜ୍ଞ ଟିମ୍।

- ଫ୍ଲୋରାଇଡ ସମସ୍ୟା ଅନୁଧ୍ୟାନ କଲା
- ଫିଲ୍ଟରିଂ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦେଲା ପ୍ରସ୍ତାବ

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତର ବାଲିସିଂହ ଗ୍ରାମରେ ଫ୍ଲୋରାଇଡ ସମସ୍ୟା ଲାଗିରହିଛି। ଗୁରୁବାର ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟରର ୨ଜଣିଆ ଟିମ୍ ଗ୍ରାମରେ ପହଞ୍ଚି ଏହି ସମସ୍ୟା ବିଷୟରେ ଅନୁଧ୍ୟାନ କରିଛି। ଏକ ଫିଲଟରିଂ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ସେମାନେ ସ୍ଥାନୀୟ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାସହ ସରପଞ୍ଚ ସୁବାସ ଚନ୍ଦ୍ର ରାୟଗୁରୁ, ପୂର୍ବତନ ସମିତି ସଭ୍ୟ ତପନ କୁମାର ପ୍ରଧାନ, ୱାର୍ଡମେମ୍ବର ଭାଗବତ ବଳିୟାରସିଂହ ପ୍ରମୁଖଙ୍କ ସହ ଆଲୋଚନା କରି ଫେରିଯାଇଥିଲେ।

ସାଗରଗାଁ ପଞ୍ଚାୟତର ବାଲସିଂହ, ସିଂହପୁର, ଗୋଡିଆଳି, ବାରଦାଣ୍ଡି, ଜରିପଡା ଆଦି ଗ୍ରାମର ଜଳ ଉତ୍ସରେ ଅଧିକ ପରିମାଣର ଫ୍ଲୋରାଇଡ ରହିଥିବା ୧୯୯୮ ମସିହାରେ ଜଣାପଡିଥିଲା। ଏହି ସମସ୍ୟା ଯୋଗୁ ବହୁ ଲୋକ ନାନା ରୋଗର ଶିକାର ହୋଇଛନ୍ତି। ୨୦୦୨ରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ୨ ଗ୍ରାମକୁ ଯାଇ ଫ୍ଲୋରାଇଡ ସମସ୍ୟା ଅନୁଧ୍ୟାନ କରିଥିଲେ। ପରେ ଏଠାକାର ଭୂତଳ ଜଳ ପରୀକ୍ଷଣ କରାଯାଇଥିଲା। ପ୍ରତି ଲିଟର ଜଳରେ ପ୍ରାୟ ୭ ମିଲିଗ୍ରାମ ଫ୍ଲୋରାଇଡ ଥିବା ଜଣାପଡିଥିଲା। ଡାକ୍ତରଙ୍କ କହିବା ପ୍ରକାରେ ପ୍ରତି ଲିଟର ଜଳରେ ୧ରୁ ଦେଢ ମିଲିଗ୍ରାମଠାରୁ ଅଧିକ ଫ୍ଲୋରାଇଡ ରହିଲେ ତାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ହେଲେ ଅଧ୍ୟାବଧି ଏହି ସମସ୍ୟା ସମାଧାନ ହୋଇପାରି ନାହିଁ ।

ଏହି ପଞ୍ଚାୟତର ହଳଦୀପଡା, ଜରିପଡା, ବାରଦାଣ୍ଡି, ଗୋଡିଆଳି ଆଦି ଗ୍ରାମର ପାନୀୟ ଜଳରେ ଫ୍ଲୋରାଇଡ ମାତ୍ରା ଅଧିକ ଥିଲେ ମଧ ବର୍ଷ ବର୍ଷ ଧରି ଲୋକେ ଏହାକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ସମସ୍ୟାକୁ ଦୃଷ୍ଟିରେ ରଖି ୧୯୯୮ ମସିହାରେ ଏହି ଗ୍ରାମଗୁଡିକୁ ପାଇଁ ୩ଟି ପ୍ରକଳ୍ପ ହୋଇଥିଲା। ବୋରିଂ କରାଯାଇ ପ୍ରକଳ୍ପ ଜଳକୁ ପାଇପ ଯୋଗେ ଯୋଗାଇ ଦିଆଯାଇଥିଲା। ପରେ ଜଣାପଡିଥିଲା ଯେ ବୋରିଂ ଜଳରେ ମଧ୍ୟ ଫ୍ଲୋରାଇଡ ମାତ୍ରା ଅଧିକ ରହିଛି। ଏହା ଜଣାପଡିବା ପରେ ଉକ୍ତ ପ୍ରକଳ୍ପଗୁଡିକୁ ବନ୍ଦ କରିଦିଆଯାଇଛି। ଏହାପରେ ପ୍ରଶାସନ ପକ୍ଷରୁ ବଡ ବଡ କୂପ ଖୋଳାଯାଇଥିଲେ ମଧ ସେଥିରୁ ମିଳୁଥିବା ଜଳରେ ଫ୍ଲୋରାଇଡ ଅଧିକ ଥିବା ଜଣାପଡିଥିଲା। ଫଳରେ ଏହି କୂପଗୁଡିକ ଅକାମୀ ହୋଇପଡିରହିଛି। ସରପଞ୍ଚ ରାୟଗୁରୁଙ୍କ କହିବା କଥା ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇଁ ବୋରିଂ, ଇଲେକ୍ଟ୍ରିଫିକେଶନ ଆଦି ଆନୁଷଙ୍ଗିକ ବ୍ୟବସ୍ଥା କରିଦିଆଗଲେ ସେମାନେ ଏକ ଫିଲ୍‌ଟରିଂ ପ୍ଲାଣ୍ଟ ବାସଇବା ପାଇଁ ଉଦ୍ୟମ କରିବେ।